ସପ୍ତଦଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୭, ସଂଖ୍ୟା-୧୧, ଭୁବନେଶ୍ୱର: ମାର୍ଚ୍ଚ ୨୩-୨୯, ୨୦୨୬ | Vol-17, Issue-11, Bhubaneswar : March 23-29, 2026

RNI NO.ODIODI/2010/33715

# ସଂସଦରୁ ବିଦାୟ ବେଳେ ପ୍ରଧାନମନ୍ତ୍ରୀଙ୍କ ଗୁରୁମନ୍ତ୍ର: 'ରାଜନୀତିରେ ଫୁଲ୍‌ଷ୍ଟପ୍ ନାହିଁ'

ନୂଆଦିଲ୍ଲୀ: ରାଜନୀତି ଏକ ଗତିଶୀଳ କ୍ଷେତ୍ର, ଏଠାରେ ଯାତ୍ରା କେବେ ଶେଷ ହୁଏନାହିଁ। ଅଭିଜ୍ଞ ନେତାମାନଙ୍କ ପାଇଁ ଭବିଷ୍ୟତରେ ସବୁବେଳେ ନୂତନ ସୁଯୋଗ ରହିଥାଏ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ରାଜ୍ୟସଭାର ୩୭ ଜଣ ସାଂସଦଙ୍କ କାର୍ଯ୍ୟକାଳ ଶେଷ ହେଉଥିବା ଅବସରରେ ଆୟୋଜିତ ଏକ ବିଦାୟୀ ସମ୍ବର୍ଦ୍ଧନା ସଭାରେ ଗୃହକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଏଭଳି ପ୍ରେରଣାଦାୟୀ ବାର୍ତ୍ତା ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ରାଜନୀତିରେ କେବେବି ପୂର୍ଣ୍ଣଛେଦ ନଥାଏ। ବିଦାୟୀ ସଦସ୍ୟମାନଙ୍କ ମିଳିତ ଅଭିଜ୍ଞତା ଦେଶ ପାଇଁ ଏକ ଅମୂଲ୍ୟ ସମ୍ପତ୍ତି। ସେମାନେ ପୁଣି ସଂସଦକୁ ଫେରନ୍ତୁ ଅଥବା ନିଜକୁ ସମାଜ ସେବାରେ ନିୟୋଜିତ କରନ୍ତୁ, ସେମାନଙ୍କ ଅବଦାନ ସବୁବେଳେ ରାଷ୍ଟ୍ରୀୟ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିବ।



"ଆପଣମାନଙ୍କ ଅଭିଜ୍ଞତା ଓ ଅବଦାନ ସବୁବେଳେ ଦେଶର ବିକାଶରେ ସହାୟକ ହେବ" ବୋଲି ମୋଦୀ ପ୍ରକାଶ କରିଛନ୍ତି।

ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣ ସମୟରେ ଦଳମତ ନିର୍ବିଶେଷରେ ବରିଷ୍ଠ ନେତାମାନଙ୍କୁ ସମ୍ମାନ ଜଣାଇଥିଲେ। ସେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ଶରଦ ପାୱାରଙ୍କ ସଂସଦୀୟ ଜ୍ଞାନକୁ ଉଚ୍ଚ ପ୍ରଶଂସା କରିଥିଲେ। ନୂତନ ପିଢ଼ିର ସାଂସଦମାନେ ଶ୍ରୀ ଦେବେଗୌଡ଼ା, ଶ୍ରୀ ଖଡ଼ଗେ ଏବଂ ଶ୍ରୀ ପାୱାରଙ୍କ ଭଳି ଅଭିଜ୍ଞ ନେତାଙ୍କୁ ନିଜର ଆଦର୍ଶ ଭାବେ ଗ୍ରହଣ କରିବା ଉଚିତ୍ ବୋଲି ସେ ପରାମର୍ଶ ଦେଇଛନ୍ତି। ଏଥିସହିତ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ଜୀଙ୍କ ନମ୍ର ଆଚରଣ ଏବଂ ଜଟିଳ ପରିସ୍ଥିତିକୁ ସଫଳତାର ସହ ସମ୍ଭାଳିବାର ଦକ୍ଷତାକୁ ମଧ୍ୟ ସେ ସଲାମ କରିଥିଲେ। ରାଜ୍ୟସଭାର ଏହି ଅନୁଭୂତି ସଦସ୍ୟମାନଙ୍କ ଦୃଷ୍ଟିକୋଣକୁ ବହୁଗୁଣିତ କରିଛି ଏବଂ ଆଗାମୀ ଦିନରେ ସେମାନେ ସାମାଜିକ କ୍ଷେତ୍ରରେ ହେଉ ବା ଅନ୍ୟ କୌଣସି ମାଧ୍ୟମରେ ହେଉ, ଦେଶ ଗଠନରେ ନିଜର ଭୂମିକା ନିର୍ବାହ କରିବେ ବୋଲି ପ୍ରଧାନମନ୍ତ୍ରୀ ଆଶାବାଦୀ ଅଛନ୍ତି।

ସୂଚନାଯୋଗ୍ୟ ଯେ, ୩୭ଟି ରାଜ୍ୟସଭା ଆସନ ପାଇଁ ନୂତନ ସଦସ୍ୟଙ୍କ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। କିଛି ପୁରୁଣା ସଦସ୍ୟ ପୁଣି ଥରେ ନିଜର କାର୍ଯ୍ୟକାଳ ଆରମ୍ଭ କରୁଥିବା ବେଳେ ଅନେକ ନୂତନ ସଦସ୍ୟ ମଧ୍ୟ ଗୃହରେ ଯୋଗ ଦେବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସମାଜ ଦ୍ୱାରା ଅର୍ପିତ ଦାୟିତ୍ୱ ପ୍ରତି ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ରହିବା ଏହି ବରିଷ୍ଠ ନେତାମାନଙ୍କଠାରୁ ଶିଖିବା ଉଚିତ୍। ସଂସଦୀୟ ଇତିହାସରେ ସେମାନଙ୍କର ପ୍ରତିଟି କଥା ଓ ପରାମର୍ଶ ଏକ ଦିଗଦର୍ଶନ ସଦୃଶ। ବିଦାୟୀ ସାଂସଦମାନଙ୍କୁ ଶୁଭକାମନା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ମୋଦୀ କହିଛନ୍ତି ଯେ, ସେମାନଙ୍କ ଅମୂଲ୍ୟ ଅବଦାନ ସବୁବେଳେ ଅନୁଭୂତ ହେବ। ଏହି ସମ୍ବର୍ଦ୍ଧନା ସଭା କେବଳ ଏକ ବିଦାୟ ନୁହେଁ, ବରଂ ଅଭିଜ୍ଞତାକୁ ନେଇ ନୂଆ ପଥରେ ଚାଲିବାର ଏକ ସଂକଳ୍ପ ବୋଲି ସେ ଦର୍ଶାଇଛନ୍ତି।

## ଓଡ଼ିଶାରେ ହୀରା ଖଣି

ଭୁବନେଶ୍ୱର: ରତ୍ନଗର୍ଭା ଓଡ଼ିଶାର ମାଟିତଳେ ରହିଛି ହୀରା। ନୂଆପଡ଼ାରେ ମିଳିଛି ହୀରା ଖଣିର ସନ୍ଧାନ। ନୂଆପଡ଼ା କାଳମିଦାଦରଠାରେ ହୀରା ପଥର ଚିହ୍ନଟ କରାଯାଇଥିବା ନେଇ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଧାନସଭାରେ ଉତ୍ତର ରଖିଛନ୍ତି। ଏହାର ବୈଷୟିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମୂଲ୍ୟାୟନ କାର୍ଯ୍ୟ ଚାଲୁଥିବା ସେ ସୂଚନା ଦେଇଛନ୍ତି। ସେହିଭଳି କଳାହାଣ୍ଡି ଜିଲ୍ଲା କୁନାଗଡ ବ୍ଲକ ହିଞ୍ଜିଳିବାହାଲ-ଜିଲିଙ୍ଗିବାରଠାରେ ମାଣିକ ଥିବା ସୂଚନା ମିଳିଛି। ଅନ୍ୟପଟେ ଦେବଗଡ଼ ଜିଲ୍ଲା ରିଆମାଳ ଅଞ୍ଚଳରେ ତମ୍ବାବାହୀ ପଥର, ଗ୍ରାଫାଇଟ, ନିକେଲ ସହ ସୁନା ଚିହ୍ନଟ କରାଯାଇଛି। ମୟୂରଭଞ୍ଜ ଓ କେନ୍ଦୁଝରରେ ମଧ୍ୟ ସୁନା ପଥର ଥିବା ସନ୍ଧାନ ମିଳିଥିବା ମନ୍ତ୍ରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଖଣିଜ ସମ୍ପଦରେ ଭରପୂର ରାଜ୍ୟ ହେଉଛି ଓଡ଼ିଶା। ଲୁହାପଥର, କୋଇଲା, ମାଙ୍ଗାନିଜ୍, କ୍ରୋମାଇଟ୍ ଏବଂ ବକ୍ସାଇଟ୍ ଭଳି ବହୁ ମୂଲ୍ୟବାନ ଖଣିଜ ପଦାର୍ଥ ଉପଲବ୍ଧ ରହିଛି। ବିଶେଷକରି କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ, ଯାଜପୁର, ଅନୁଗୁଳ ଏବଂ କୋରାପୁଟ ଜିଲ୍ଲାରେ ପ୍ରମୁଖ ଖଣି ରହିଛି। ଓଡ଼ିଶା ଦେଶର ସର୍ବାଧିକ ଲୁହାପଥର ଓ କ୍ରୋମାଇଟ୍ ଉତ୍ପାଦନକାରୀ ରାଜ୍ୟ। ରାଜ୍ୟର ଅର୍ଥନୀତିରେ ଖଣି ଶିଳ୍ପ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାବେଳେ କଳାହାଣ୍ଡି ଓ ନୂଆପଡ଼ାରେ ହୀରା ଏବଂ ଦେବଗଡ଼ରେ ସୁନା ଖଣିର ସନ୍ଧାନ ମିଳିଛି। ଏନେଇ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ପକ୍ଷରୁ ସର୍ଭେରୁ ଜାରି ରହିଛି। ପ୍ରାରମ୍ଭିକ ରିପୋର୍ଟ ଅନୁସାରେ ଓଡ଼ିଶା ମାଟି ତଳେ କେବଳ ଲୁହା ଓ ବକ୍ସାଇଟ୍ ନୁହେଁ, ହୀରା ଓ ମାଣିକ ପଥର ଯଥେଷ୍ଟ ପରିମାଣର ରହିଛି। ସେହିପରି କେନ୍ଦୁଝର ଜିଲ୍ଲାର ବଂଶପାଳ ବ୍ଲକ ଅନ୍ତର୍ଗତ ଗୋପୁର-ଜଳଡ଼ିହି ଅଞ୍ଚଳରେ ସୁନାପଥର ଥିବାର ସନ୍ଧାନ ମିଳିଛି। ମନ୍ତ୍ରୀ ଆହୁରି କହିଛନ୍ତି ଯେ, ଦେବଗଡ଼ ଜିଲ୍ଲା ଆଡାସ-ରାମପାଲ୍ଲୀ ଅଞ୍ଚଳରେ ସୁନାପଥରର ସନ୍ଧାନ ମିଳିଛି, ଏଠାରେ ପାଖାପାଖି ୧୫୮୬ କେଜି ସୁନା ଥିବା ଆକଳନ କରାଯାଇଛି। ଜିଲ୍ଲାର ରିଆମାଳ ବ୍ଲକ ଅନ୍ତର୍ଗତ ଆଡାସ-ରାମପାଲ୍ଲୀ ଅଞ୍ଚଳରେ ତମ୍ବା ପଥର, ଗ୍ରାଫାଇଟ, ନିକେଲ ସହିତ ସୁନା ଥିବାର ଜଣାଯାଇଛି।

# ଜାତୀୟ ଜନଗଣନା-୨୦୨୭ର ବ୍ରାଣ୍ଡ ଆମ୍ବାସାଡର ହେଲେ ସୁଦର୍ଶନ ପଟ୍ଟନାୟକ

ନୂଆଦିଲ୍ଲୀ: ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ଆଗାମୀ 'ଜାତୀୟ ଜନଗଣନା-୨୦୨୭' ପାଇଁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି। ଶ୍ରୀ ପଟ୍ଟନାୟକ ନିଜର ସୃଜନଶୀଳ କଳା ମାଧ୍ୟମରେ ଦେଶବ୍ୟାପୀ ଜନଗଣନା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ସହ ନାଗରିକମାନଙ୍କୁ ଏଥିରେ ସହଯୋଗ କରିବା ପାଇଁ ଉତ୍ସାହିତ କରିବେ। ସୂଚନାଯୋଗ୍ୟ ଯେ, ଜନଗଣନାର ପ୍ରଥମ ପର୍ଯ୍ୟାୟ (ଘର ତାଲିକାକରଣ) ୧୬ ଏପ୍ରିଲରୁ ୧୫ ମେ ୨୦୨୬ ପର୍ଯ୍ୟନ୍ତ ଚାଲିବ। ଦ୍ୱିତୀୟ ପର୍ଯ୍ୟାୟରେ ଫେବୃଆରୀ ୨୦୨୭ରେ ଘରକୁ ଘର ବୁଲି ଜନସଂଖ୍ୟା ସର୍ଭେ କରାଯିବ। ଏହା ଭାରତର ୧୬ତମ ଏବଂ ସ୍ୱାଧୀନତା ପରେ ୮ମ ଜନଗଣନା ହେବ। ଏଥର ପ୍ରଥମ କରି ଜାତି ଏବଂ ସାମାଜିକ-ଆର୍ଥିକ ସ୍ଥିତି ବିଷୟରେ ବିସ୍ତୃତ ସୂଚନା ସଂଗ୍ରହ କରାଯିବ, ଯାହା ଦେଶର ଭବିଷ୍ୟତ ଯୋଜନା ଓ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଶେଷଥର ପାଇଁ ୨୦୧୧ରେ ଜନଗଣନା ହୋଇଥିବା ବେଳେ କରୋନା ଯୋଗୁଁ ୨୦୨୧ ଜନଗଣନା ସ୍ଥଗିତ ରହିଥିଲା।

# ଭାରତୀୟଙ୍କ ତୁଳନାରେ ପାକିସ୍ତାନ ନାଗରିକ ଅଧିକ ସୁଖୀ

ନୂଆଦିଲ୍ଲୀ: ସଦ୍ୟ ପ୍ରକାଶିତ ୱାର୍ଲ୍ଡ ହାପିନେସ୍ ରିପୋର୍ଟ ଅନୁଯାୟୀ ଫିନଲାଣ୍ଡ କ୍ରମାଗତ ୧୦ମ ବର୍ଷ ପାଇଁ ବିଶ୍ୱର ସବୁଠୁ ଖୁସି ତଥା ସୁଖୀ ଦେଶ ଭାବେ ସର୍ବାଗ୍ରେ ରହିଛି। ସେହିପରି ନିରନ୍ତର ଯୁଦ୍ଧ ଲଢୁଥିବା ଇସ୍ରାଏଲ ଶୀର୍ଷ ୧୦ ସୁଖୀ ଦେଶଙ୍କ ମଧ୍ୟରେ ୮ମ ସ୍ଥାନ ଅକ୍ତିଆର କରିଛି। ଆଇସଲାଣ୍ଡ, ଡେନମାର୍କ, ସ୍ୱିଡେନ ଓ ନରୱେ ମଧ୍ୟ ଶ୍ରେଷ୍ଠ ୧୦ ତାଲିକାରେ ସ୍ଥାନ ପାଇଛନ୍ତି। ତେବେ କୋଷ୍ଟା ରିକା ସମସ୍ତଙ୍କୁ ଚକିତ କରି ୪ର୍ଥ ସ୍ଥାନରେ ରହିଛି। ୨୦୨୩ରେ ଏହି ଲାଟିନ୍ ଆମେରିକୀୟ ଦେଶ ୨୩ତମ ସ୍ଥାନରେ ଥିଲା। ଯଦି ଭାରତ କଥା ଦେଖିବା ତେବେ ଭାରତ, ପାକିସ୍ତାନ (୧୦୪ତମ) ଏବଂ ବାଂଲାଦେଶ (୧୨୭ତମ ସ୍ଥାନ) ତୁଳନାରେ ମଧ୍ୟ ନିମ୍ନରେ ଅର୍ଥାତ୍ ତାଲିକାର ୧୧୬ତମ ସ୍ଥାନରେ ରହିଛି। ଏହାର ଅର୍ଥ ଖାଦ୍ୟ ତଥା ଆର୍ଥିକ ସଂକଟର ସମ୍ମୁଖୀନ ହେଉଥିବା ପାକିସ୍ତାନ ତଥା ବାଂଲାଦେଶର ନାଗରିକ, ଭାରତୀୟଙ୍କ ତୁଳନାରେ ଅଧିକ ଖୁସି/ସୁଖୀ ଜୀବନ ଯାପନ କରୁଛନ୍ତି। ପ୍ରକାଶିତ ରିପୋର୍ଟରେ ଭାରତରେ ଜଣେ ବ୍ୟକ୍ତିର ହାରାହାରି ଜୀବନ କାଳ ୫୮.୨ ବର୍ଷ ରହିଛି। ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟର ୱେଲବିଙ୍ଗ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଏହି ବାର୍ଷିକ ରିପୋର୍ଟ ପ୍ରକାଶ ପାଇଥାଏ। ସାମଗ୍ରିକ ଖୁସି ୬ଟି ପ୍ରମୁଖ ସୂଚକ ମୁଣ୍ଡପିଛା ଜିଡିପି, ସାମାଜିକ ସମର୍ଥନ, ସୁସ୍ଥ ଜୀବନ କାଳ, ସ୍ୱାଧୀନତା, ଉଦାରତା ଏବଂ ଦୁର୍ନୀତି ପ୍ରତି ଧାରଣାକୁ ଦେଖି ବଛା ଯାଇଥାଏ।

# ପ୍ରତି ବ୍ଲକ୍‌ରେ ମିଳିବ ଜଳସେଚନ ସୁବିଧା

ଭୁବନେଶ୍ୱର: ତତ୍କାଳୀନ ମୁଖ୍ୟମନ୍ତ୍ରୀ ୨୦୦୬ ରେ ରାଜ୍ୟର ସମସ୍ତ ବ୍ଲକକୁ ଜଳସେଚନ କରିବା ପାଇଁ କହିଥିଲେ। ସେହିପରି ୨୦୦୮ ରେ ପ୍ରତି ଗାଁକୁ ଜଳସେଚନ କରାଯିବ ବୋଲି କହିଥିଲେ। କିନ୍ତୁ ଆଜି ବି ରାଜ୍ୟର ୨୫ ଟି ବ୍ଲକକୁ ଜଳସେଚନ ହୋଇ ପାରି ନାହିଁ। କିନ୍ତୁ ଆମ ସରକାର ପ୍ରତି ବ୍ଲକରେ ୫୦ ପ୍ରତିଶତ ଜଳସେଚନକୁ ସୁନିଶ୍ଚିତ କରିବାକୁ ଯାଉଛନ୍ତି। ଚଳିତ ମାସ ଶେଷ ସୁଦ୍ଧା ଗଞ୍ଜାମ ଜିଲ୍ଲାର ୭୦୦୦ ହେକ୍ଟର ଜମିକୁ ଜଳସେଚନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବିଧାନସଭାରେ ଜଳସମ୍ପଦ ବିଭାଗ ଖର୍ଚ୍ଚ ଦାବି ଉପରେ ଗୁରୁବାର ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ବିଗତ ୨୪ ବର୍ଷ ଥିଲା ତଥାକଥିତ ଉତ୍ତମ ଶାସନ। ବିଗତ ସରକାର ସମୟରେ ଚାଷୀ ଆଖିରୁ ଲୁହ ଶୁଖିଗଲା ପଛେ ୧୦୦ ଟଙ୍କା ବୋନସ୍ ଦେଇ ପାରିଲେ ନାହିଁ। ବିଗତ ସରକାରରେ ଅନେକ ଚାଷୀ ଆତ୍ମହତ୍ୟା କରୁଥିଲେ। ଗତ ସରକାର ସମୟରେ ଜମିରେ ପାଣି ନ ପହଞ୍ଚିବା ଦୁଃଖର ଅନ୍ୟତମ କାରଣ। ରାଜୀବ ଭବନ ଓ ଜଳ ସମ୍ପଦ ବିଭାଗ ଥିଲା ଅଣ ଓଡ଼ିଆ ଠିକାଦାରଙ୍କ ଆଡ୍ଡାସ୍ଥଳୀ। ଗତ ଦୁଇ ବର୍ଷ ଭିତରେ ଏହାକୁ ଉଚ୍ଛେଦ କରି ସ୍ୱଚ୍ଛ ବ୍ୟବସ୍ଥା ଆଣିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ତେଜସ୍ୱିନୀ ବିଶେଷ ଦୃଷ୍ଟି ଆକର୍ଷଣ

➤ ଦାଚିଗାମ ଜାତୀୟ ଉଦ୍ୟାନ
➤ ଶିବଭକ୍ତ ଉପମନ୍ୟୁ
➤ ଝୀଲ
➤ କ୍ୟାଣ୍ଡେଲ୍ ସ୍ୱା

# ଗଙ୍ଗା: ପବିତ୍ରତା ବନାମ ପ୍ରଦୂଷଣ

ବ୍ରିଟିଶ ଜୀବବିଜ୍ଞାନୀ ତଥା ରିଭର ମନଷ୍ଟର୍ସ ଉପସ୍ଥାପକ ଜେରେମି ୱେଡ୍ ରହସ୍ୟମୟ ମିଠାପାଣି ପ୍ରାଣୀଙ୍କୁ ଖୋଜିବାରେ ପ୍ରସିଦ୍ଧ। ତାଙ୍କର ଯାତ୍ରା କେବଳ ମାଛ ଧରିବା ନୁହେଁ, ପ୍ରକୃତି ଓ ମାନବ ସମାଜର ସମ୍ପର୍କକୁ ବୁଝିବାରେ କେନ୍ଦ୍ରିତ। ଭାରତରେ ଗଙ୍ଗା ପରିଦର୍ଶନ ସମୟରେ ସେ ନଦୀକୁ କେବଳ ଧାର୍ମିକ ପ୍ରତୀକ ଭାବେ ନୁହେଁ, ବରଂ ପ୍ରଦୂଷଣ ଓ ମାନବୀୟ ଅବହେଳାରେ ଜଡ଼ିତ ଏକ କାହାଣୀ ଭାବେ ଦେଖିଥିଲେ।

ବହୁଳ ଭାବରେ ଚର୍ଚ୍ଚିତ ଭିଡିଓରେ ଜେରେମି ୱେଡ୍ ଗଙ୍ଗାନଦୀର ଜଳ ପରୀକ୍ଷା କରିଥିଲେ ଏବଂ ଏହାକୁ ଫେକଲ କୋଲିଫର୍ମ ଜୀବାଣୁ ଦ୍ୱାରା ପ୍ରଦୂଷିତ ବୋଲି ପାଇଥିଲେ, ଯାହା ମାନବ ମଳର ଉପସ୍ଥିତିକୁ ସୂଚିତ କରିଥିଲା। ତାଙ୍କର ସରଳ ରାସାୟନିକ ପରୀକ୍ଷା ଆଶାକରାଯାଇଥିବା ପରିଷ୍କାର ଫଳାଫଳ ବଦଳରେ ହାଲୁକା ବାଦାମୀ ରଙ୍ଗ ଦେଖାଇଥିଲା, ଯାହା ଗୁରୁତର ପ୍ରଦୂଷଣ ସ୍ତରକୁ ଉଜାଗର କରିଥିଲା। ୱେଡ୍‌ଙ୍କ ପରୀକ୍ଷା, ବିଶେଷକରି କାନପୁର ଆଖପାଖ ଅଞ୍ଚଳରେ ମଳ ପ୍ରଦୂଷଣର ଉଚ୍ଚ ସ୍ତର ସୂଚାଇଥିଲା। କିଛି ରିପୋର୍ଟରେ ମଳ କୋଲିଫର୍ମ ସଂଖ୍ୟା ଉଚ୍ଚ ବୋଲି ଉଲ୍ଲେଖ କରାଯାଇଥିଲା, ଯାହା ଏକ ସମ୍ଭାବ୍ୟ ଜନସ୍ୱାସ୍ଥ୍ୟ ଜରୁରିକାଳୀନ ପରିସ୍ଥିତିକୁ ଇଙ୍ଗିତ କରିଥିଲା। ସାଧାରଣତଃ ପାନୀୟ ଜଳରେ ଫେକଲ କୋଲିଫର୍ମର ପରିମାଣ ୦ ହେବା ଉଚିତ ଏବଂ ଯଦି ଏହା ୫୦୦ରୁ କମ୍ ଥାଏ ତେବେ ଏଥିରେ ପହଁରିପାରିବେ, କିନ୍ତୁ ଗଙ୍ଗାରେ ଏହାର ପରିମାଣ ୮୨,୦୦୦ ମିଳିଥିଲା। ଏହାର ଅର୍ଥ ହେଉଛି ଏଥିରେ ପହଁରିବା ଭୁଲିଯାଆନ୍ତୁ, ଏହାକୁ ଛୁଇଁବା ମଧ୍ୟ ନିଷେଧ। ପ୍ରକୃତରେ, ଯେତେବେଳେ ଜେରେମି ଗଙ୍ଗା ନଦୀରେ ତାଙ୍କର ରିମୋଟ କଣ୍ଟ୍ରୋଲ ସବ୍‌ମେରାଇନକୁ ତଳକୁ ଓହ୍ଲାଇଥିଲେ, ସେତେବେଳେ ସେ ଜଳପୃଷ୍ଠରେ ଅଳିଆ ସହ କେବଳ ପ୍ଲାଷ୍ଟିକ୍ ପାଇଥିଲେ। ତାଙ୍କ ସବ୍‌ମେରାଇନ ପ୍ଲାଷ୍ଟିକ୍ ?ରେ ଫସିଯାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେ ଜାଣିପାରିଲେ ଯେ ଗଙ୍ଗା କ୍ରୋମିୟମ, ସୀସା ଏବଂ ଆର୍ସେନିକ୍ ଭଳି ରାସାୟନିକ ପଦାର୍ଥରେ ପରିପୂର୍ଣ୍ଣ। ଏହି ରାସାୟନିକ ପଦାର୍ଥଗୁଡ଼ିକ ପ୍ରକୃତରେ ଚମଡ଼ା କାରଖାନାରୁ ଆସିଥାଏ।

ୱେଡ ତାଙ୍କ ମାଇଟ ରିଭର୍ସ ଡକ୍ୟୁମେଣ୍ଟାରିରେ ଦେଖାଇଥିଲେ ଯେ ଅପରିଷ୍କାର ନର୍ଦ୍ଦମା ଏବଂ ଶିଳ୍ପ ନିର୍ଗତ ବର୍ଜ୍ୟ ନଦୀକୁ ଗୁରୁତର ପ୍ରଦୂଷିତ କରୁଛି, ଯାହା ପାଣିର ପବିତ୍ରତାର ଧାରଣାକୁ ଚ୍ୟାଲେଞ୍ଜ କରୁଛି। ଏହି ବୈଜ୍ଞାନିକ ମୂଲ୍ୟାଙ୍କନ ପରିବେଶଗତ ଅବକ୍ଷୟର ସତ୍ୟକୁ ଉଜାଗରକରି ଉନ୍ନତ ସଂରକ୍ଷଣ ପ୍ରୟାସର ଆବଶ୍ୟକତାକୁ ଉଲ୍ଲେଖ କରିଥିଲା। ଭାରତର ପବିତ୍ର ନଦୀ ଭାବରେ ବିବେଚିତ ଗଙ୍ଗାକୁ କେବଳ ଧାର୍ମିକ ଏବଂ ସାଂସ୍କୃତିକ ଦୃଷ୍ଟିକୋଣରୁ ନୁହେଁ ବରଂ ଜୀବନର ପ୍ରତୀକ ଭାବରେ ଦେଖାଯାଏ। ଏହାର କୂଳରେ ଅନେକ ସଭ୍ୟତା ଜନ୍ମ ନେଇଥିଲା। କିନ୍ତୁ ୱେଡ୍‌ଙ୍କ ସମୟରେ ଯେଉଁ ଚିତ୍ର ଦେଖାଯାଇଥିଲା ତାହା ଏକ କଷ୍ଟକର ବାସ୍ତବତା ।

ସେ ଦେଖିଥିଲେ ଯେ ଚମଡ଼ା କାରଖାନା ଏବଂ ଅନ୍ୟାନ୍ୟ ଶିଳ୍ପ ପ୍ରତିଷ୍ଠାନ ସେମାନଙ୍କର ବର୍ଜ୍ୟବସ୍ତୁ ଏବଂ ବିଷାକ୍ତ ରାସାୟନିକ ପଦାର୍ଥଗୁଡ଼ିକୁ ଗଙ୍ଗାରେ ବିନା କୌଣସି ପ୍ରତିବନ୍ଧକରେ ଛାଡ଼ି ଦେଉଥିଲେ। ଏହି ପ୍ରଦୂଷଣ କେବଳ ଜଳକୁ ପ୍ରଦୂଷିତ କରୁ ନ ଥିଲା, ବରଂ ଜଳଜୀବଙ୍କ ପାଇଁ ବିପଦ ସୃଷ୍ଟି କରୁଥିଲା। ତାଙ୍କ ଅଭିଜ୍ଞତାରେ ୱେଡ୍ ଗଙ୍ଗାରେ ଜୀବମାନଙ୍କୁ ଦେଖିବା ବିଷୟରେ ବର୍ଣ୍ଣନା କରିଥିଲେ,ଯେଉଁମାନେ ସେମାନଙ୍କର ପ୍ରାକୃତିକ ରୂପ ହରାଇ ବସିଥିଲେ। ମାଛ ଉପରେ କ୍ଷତ, ଅସ୍ୱାଭାବିକ ରଙ୍ଗ ପରିବର୍ତ୍ତନ ଏବଂ କିଛି ପ୍ରଜାତି ସମ୍ପୂର୍ଣ୍ଣ ଲୋପପାଇବା ଚିନ୍ତାର କାରଣ ଥିଲା। ଏହିସବୁ ପ୍ରମାଣିତ କରିଥିଲା ଯେ ଚମଡ଼ା କାରଖାନାରୁ ନିର୍ଗତ କ୍ରୋମିୟମ ଏବଂ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥ ପାଣିରେ ମିଶି ସମଗ୍ର ପରିବେଶକୁ ନଷ୍ଟକରୁଥିଲା। ୱେଡ୍ ମଧ୍ୟ ସ୍ପଷ୍ଟ କରିଥିଲେ ଯେ ଏହି ପ୍ରଦୂଷଣ କେବଳ ମାଛ ପାଇଁ ନୁହେଁ , ବରଂ ଏହା ମାନବ ସମାଜ ପାଇଁ ଏକ ବିପଦ ସଙ୍କେତ ଥିଲା। ସେ ଦେଖିଥିଲେ ଯେ ମତ୍ସ୍ୟଜୀବୀମାନେ ଗଙ୍ଗାରୁ ଧରିଥିବା ମାଛ ସ୍ୱାସ୍ଥ୍ୟ ପାଇଁ ଏତେ ଖରାପ ଯେ ବଜାରରେ ସେସବୁ ବିକ୍ରି କରିବା କଷ୍ଟକର। ଏହା ବ୍ୟତୀତ ଚର୍ମରୋଗ, ପେଟରୋଗ ଏବଂ ଅନ୍ୟାନ୍ୟ ସଂକ୍ରମଣ ଭଳି ପ୍ରଦୂଷିତ ଜଳ ଦ୍ୱାରା ହେଉଥିବା ରୋଗ ସାଧାରଣ ହୋଇଯାଇଛି। ୱେଡ୍ ଏହି ସମସ୍ୟାକୁ ଏକ ସତର୍କଘଣ୍ଟି ଭାବରେ ଦେଖିଲେ ଯାହା ଆମକୁ ସତର୍କ କରାଇ ଦେଉଛି ଯେ ଯଦି ଏବେ ପଦକ୍ଷେପ ନ ନେଉ, ତେବେ ଆମେ ଜୀବନକୁ ବିପଦରେ ପକାଇବୁ।

ୱେଡ୍‌ଙ୍କ ଦୃଷ୍ଟିକୋଣ ସର୍ବଦା ଜଣେ ବୈଜ୍ଞାନିକ ଏବଂ କାହାଣୀକାରଙ୍କ ପରି ରହିଆସିଛି। ସେ ଗଙ୍ଗାକୁ ତାଙ୍କର ଯାତ୍ରାର କେବଳ ଏକ ଅଭିଜ୍ଞତା ଭାବରେ ନୁହେଁ ବରଂ ଏକ ବାର୍ତ୍ତା ଭାବରେ ଦେଖିଥିଲେ। ସେ କହିଥିଲେ, ଗଙ୍ଗା ଭଳି ପବିତ୍ର ଜଳକୁ ରକ୍ଷାକରିବା କେବଳ ଭାରତର ଦାୟିତ୍ୱ ନୁହେଁ, ବରଂ ସମସ୍ତ ମାନବ ସମାଜର ଦାୟିତ୍ୱ। ଏହି ନଦୀ କେବଳ ଏକ ଭୌଗୋଳିକ ଧାରା ନୁହେଁ; ଏହା ଏକ ଧାରା ଯାହା ମାନବତାକୁ ସଂଯୋଗକରେ, ଯାହା ସଂସ୍କୃତିକୁ ଜୀବନ୍ତ ରଖେ ଏବଂ ଯାହା ପ୍ରକୃତି ସହ ଆମର ସମ୍ପର୍କକୁ ମଜଭୁତ କରେ। ଯଦି ଆମେ ଏହାକୁ ଅଦୃଶ୍ୟ ହେବାକୁ ଦେଉ, ତେବେ ଆମେ ଆମର ଇତିହାସ, ଆମର ଧର୍ମ ଏବଂ ଆମର ଭବିଷ୍ୟତକୁ ନଷ୍ଟ କରିଦେବୁ। ସେ ଚମଡ଼ା କାରଖାନାରୁ ପ୍ରଦୂଷଣକୁ ଏକ ଉଦାହରଣ ଭାବରେ ଉଲ୍ଲେଖ କରିଥିଲେ ଯେ ପୁଞ୍ଜିବାଦ ଏବଂ ଶିଳ୍ପ ଲୋଭ କିପରି ପ୍ରକୃତିକୁ ନଷ୍ଟ କରୁଛି। ଏହାର ପ୍ରଦୂଷଣ କେବଳ ପରିବେଶ ପ୍ରତି ନୁହେଁ ବରଂ ଧାର୍ମିକ ଏବଂ ସାଂସ୍କୃତିକ ଦିଗ ପ୍ରତି ମଧ୍ୟ ଅପମାନ। ଜେରେମି ୱେଡ୍‌ଙ୍କ ଗସ୍ତ ଏକ କାହାଣୀ ପାଲଟିଥିଲା ଯାହା ଆମକୁ ଚିନ୍ତା କରିବାକୁ ବାଧ୍ୟ କରେ। ସେ ଯାହା ଦେଖିଲେ ତାହା ଏକ ଚିତ୍ର ଯାହା ଆମ ସମସ୍ତଙ୍କୁ ଆମର କାର୍ଯ୍ୟର ପୁନର୍ବିଚାର କରିବାକୁ ପ୍ରେରଣା ଦିଏ। ଗଙ୍ଗାରେ ମାଛଙ୍କ ମୃତ୍ୟୁ କେବଳ ଏକ ପ୍ରାକୃତିକ ଘଟଣା ନୁହେଁ; ଏହା ଏକ ସଙ୍କେତ ଯାହା ଆମକୁ କହୁଛି ଯେ ଆମେ ଆମର ନିଜ ଜୀବନକୁ ବିପଦରେ ପକାଉଛୁ। ୱେଡ୍‌ଙ୍କ ବାର୍ତ୍ତା ସ୍ପଷ୍ଟ ଥିଲା: ଯଦି ଆମେ ଏବେ ପଦକ୍ଷେପ ନ ନେଉ, ତେବେ ଆମେ କେବଳ ଏକ ନଦୀ ନୁହେଁ ବରଂ ଆମର ଇତିହାସ, ଧର୍ମ ଏବଂ ଭବିଷ୍ୟତ ହରାଇବୁ।

# ଟ୍ରମ୍ପୀୟ ଅସ୍ଥିରତା ଓ ଭାରତର ବାସ୍ତବବାଦୀ କୂଟନୀତି

ଅତୀତର ଐତିହାସିକ ଅନୁଭୂତି ଓ ଆନ୍ତର୍ଜାତିକ ସମ୍ପର୍କର ପୃଷ୍ଠଭୂମିକୁ ଅନୁଧ୍ୟାନ କଲେ ଏକ ସ୍ପଷ୍ଟ ଚିତ୍ର ପରିଲକ୍ଷିତ ହୁଏ ଯେ, ସଙ୍କଟ ସମୟରେ ବିଶ୍ୱାସନୀୟ ବନ୍ଧୁ ଭାବେ ରୁଷିଆ ସର୍ବଦା ଭାରତର ପକ୍ଷ ଧରିଛି। ବିଶେଷକରି ପ୍ରତିରକ୍ଷା ଏବଂ ମହାକାଶ ବିଜ୍ଞାନ କ୍ଷେତ୍ରରେ ରୁଷିଆର ସହଯୋଗ ଅବିସ୍ମରଣୀୟ। ଭାରତ ଯେତେବେଳେ ଜଟିଳ କ୍ରାୟୋଜେନିକ୍ ରକେଟ୍ ଇଞ୍ଜିନ ନିର୍ମାଣ ଜ୍ଞାନକୌଶଳ ପାଇଁ ସଂଘର୍ଷ କରୁଥିଲା, ସେତେବେଳେ ରୁଷିଆ ହିଁ ଏକମାତ୍ର ଦେଶ ଭାବେ ଅକୁଣ୍ଠିତ ଚିତ୍ତରେ ଭାରତକୁ ସହାୟତାର ହାତ ବଢ଼ାଇଥିଲା। ଏହି ଘଟଣା ପ୍ରମାଣିତ କରେ ଯେ, ପ୍ରକୃତ ବନ୍ଧୁତ୍ୱ କେବଳ ବାଣିଜ୍ୟରେ ନୁହେଁ, ବରଂ ଗୁରୁତ୍ୱପୂର୍ଣ୍ଣ ଜ୍ଞାନକୌଶଳର ହସ୍ତାନ୍ତରରେ ହିଁ ପ୍ରତିଫଳିତ ହୁଏ।

ଅପରପକ୍ଷରେ, ପଡ଼ୋଶୀ ଚୀନ ସହ ଭାରତର ସମ୍ପର୍କ ସବୁବେଳେ ଏକ ଜଟିଳ ଏବଂ ସନ୍ଦେହଜନକ ପରିସ୍ଥିତି ଦେଇ ଗତି କରିଛି। ଚୀନଠାରୁ ରୁଷିଆ ଭଳି ନିଃସ୍ୱାର୍ଥପର ସହଯୋଗ ବା ବୈଷୟିକ ସହଭାଗିତା ଆଶା କରିବା ଏକ ପ୍ରକାର ମୃଗତୃଷ୍ଣା ସଦୃଶ। ଚୀନର ବାଣିଜ୍ୟିକ ରଣନୀତି ସର୍ବଦା ନିଜର ଆଧିପତ୍ୟ ବିସ୍ତାର ଏବଂ ସାମରିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଥାଏ। ଏଭଳି ସ୍ଥିତିରେ ଚୀନା ନିବେଶକମାନଙ୍କ ପାଇଁ ଭାରତୀୟ ବଜାରର ଦ୍ୱାର ଉନ୍ମୁକ୍ତ କରିବା ପୂର୍ବରୁ ଆମକୁ ସତର୍କତାର ସହ ପାଦ ପକାଇବାକୁ ହେବ।

ବର୍ତ୍ତମାନର ବଦଳୁଥିବା ବିଶ୍ୱ ଅର୍ଥନୀତିରେ ନିବେଶକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା ସମ୍ଭବ ନହେଲେ ମଧ୍ୟ, ଏହାକୁ 'ସାହାଣମେଳା' ଶ୍ରେଣୀର କରିବା ଆଦୌ ବୁଦ୍ଧିମାନର କାର୍ଯ୍ୟ ହେବନାହିଁ। ଚୀନା ନିବେଶକୁ କେବଳ ସେହି କ୍ଷେତ୍ରରେ ଅନୁମତି ଦେବା ଉଚିତ, ଯେଉଁଠାରେ ଭାରତର ଜାତୀୟ ସୁରକ୍ଷା ପ୍ରତି କୌଣସି ବିପଦ ନଥିବ। ଟେଲିକମ୍, ଡାଟା ସିକ୍ୟୁରିଟି ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି କ୍ଷେତ୍ରକୁ ଚୀନା ପ୍ରଭାବରୁ ମୁକ୍ତ ରଖିବା ଏକାନ୍ତ ଅପରିହାର୍ଯ୍ୟ। ସୁତରାଂ, ଚୀନା ନିବେଶ ଗ୍ରହଣ କରିବା ସମୟରେ ଆମକୁ ଅତି ସାବଧାନତାର ସହିତ ସୁଚିନ୍ତିତ କ୍ଷେତ୍ରଗୁଡ଼ିକୁ ଚୟନ କରିବାକୁ ପଡ଼ିବ। ନିବେଶ କେବଳ ପୁଞ୍ଜି ପାଇଁ ନୁହେଁ, ବରଂ ଦେଶର ଦୀର୍ଘକାଳୀନ ସ୍ୱାର୍ଥ ଏବଂ ଆତ୍ମନିର୍ଭରଶୀଳତାକୁ ଦୃଷ୍ଟିରେ ରଖି ନିର୍ଦ୍ଧାରଣ କରାଯିବା ଆବଶ୍ୟକ। ଆର୍ଥିକ ଲାଭ ଅପେକ୍ଷା ରାଷ୍ଟ୍ରୀୟ ଅଖଣ୍ଡତା ଓ ବିଶ୍ୱାସନୀୟତା ଯେ ଅଧିକ ମୂଲ୍ୟବାନ, ତାହା ଭାରତୀୟ ନୀତି ନିର୍ଦ୍ଧାରକମାନେ ହୃଦୟଙ୍ଗମ କରିବା ଜରୁରୀ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟ କାଳରେ ବର୍ତ୍ତମାନ ପୃଥିବୀର ପ୍ରମୁଖ ଦେଶମାନେ ଯେଉଁଭଳି କୂଟନୈତିକ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି, ତାହାକୁ ଏଇ କାଳଖଣ୍ଡର ଜଟିଳତମ ସମୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ଜଟିଳ ପରୀକ୍ଷା ପାଇଁ ଯିଏ ପ୍ରଶ୍ନପତ୍ର ପ୍ରସ୍ତୁତ କରିଛନ୍ତି, ସିଏ ହେଉଛନ୍ତି ଆମେରିକାର ଉଦ୍ ?ଭ୍ରାନ୍ତ ରାଷ୍ଟ୍ରପତି ଡୋନାଲ୍ ?ଡ ଟ୍ରମ୍ପ। ଆଜିର 'ଟ୍ରମ୍ପୀୟ ଦୁନିଆ'ରେ କୂଟନୀତି ନିର୍ଦ୍ଧାରକମାନେ କାହାକୁ ବନ୍ଧୁ ବୋଲି ଗ୍ରହଣ କରିବେ ଏବଂ କାହାକୁ ଶତ୍ରୁ ବୋଲି ବିଚାର କରିବେ, ସେ ନେଇ ନିଶ୍ଚିତ ହୋଇପାରୁ ନାହାନ୍ତି। ଏଠାରେ ମିତ୍ରର ଆଚରଣ କେତେବେଳେ ଶତ୍ରୁସୁଲଭ ହେଉଛି ତ ଶତ୍ରୁର ଆଚରଣ କେତେବେଳେ ବନ୍ଧୁତାପୂର୍ଣ୍ଣ ମନେହେଉଛି। ଉଦାହରଣ ସ୍ୱରୂପ, ଆମେରିକା ନିଜର ବନ୍ଧୁ ଦେଶ କାନାଡା କିମ୍ବା ଡେନ୍‌ମାର୍କର ଗ୍ରୀନ୍‌ଲାଣ୍ଡକୁ ଦଖଲ କରିବା ଭଳି ଧମକପୂର୍ଣ୍ଣ କୁହାଟ ଦେଉଥିବା ବେଳେ, ଭାରତ ଯେତେବେଳେ ଟ୍ରମ୍ପଙ୍କ ଟାରିଫ୍ ଧମକର ସମ୍ମୁଖୀନ ହୋଇଛି, ସେତେବେଳେ ତା'ର ଚିରଶତ୍ରୁ ଚୀନ ଭାରତକୁ ନୈତିକ ସମର୍ଥନ ଦେବା ଭଳି ଦୃଶ୍ୟ ସାମ୍ନାକୁ ଆସିଛି। ତେବେ ଏହି ଆପାତତଃ ବନ୍ଧୁତାପୂର୍ଣ୍ଣ ଆଚରଣ ପଛର ଗଭୀରତାକୁ ବୁଝିବାକୁ ହେଲେ ଆମକୁ ଅତୀତର ଐତିହାସିକ ଅନୁଭୂତିକୁ ଦେଖିବାକୁ ହେବ। ଇତିହାସ କହେ ଯେ ସଙ୍କଟ ସମୟରେ କେବଳ ରୁଷିଆ ହିଁ ଏକମାତ୍ର ଦେଶ, ଯିଏ ଅକୁଣ୍ଠିତ ଭାବରେ ଭାରତର ସହାୟତା କରିଆସିଛି। ଏହାର ଶ୍ରେଷ୍ଠ ଉଦାହରଣ ହେଉଛି କ୍ରାୟୋଜେନିକ୍ ରକେଟ୍ ଇଞ୍ଜିନ ନିର୍ମାଣର ଜ୍ଞାନକୌଶଳ। ନିଃସନ୍ଦେହରେ ଚୀନ ଠାରୁ ରୁଷିଆ ଭଳି ଏଭଳି ପାରଦର୍ଶୀ ଏବଂ ନିସ୍ୱାର୍ଥପର ସହଯୋଗ କେବେ ବି ଆଶା କରାଯାଇ ପାରିବ ନାହିଁ। ଚୀନର ସମର୍ଥନ ଅନେକ ସମୟରେ ରଣନୈତିକ ଚାଲ୍ ହୋଇଥାଏ, ଯାହା କେବଳ ନିଜର ସୁବିଧା ପାଇଁ ଉଦ୍ଦିଷ୍ଟ। ଏଣୁ ବର୍ତ୍ତମାନର ଏହି ଦୋଛକି ସମୟରେ ଚୀନା ନିବେଶକମାନଙ୍କୁ ଭାରତରେ ପ୍ରବେଶ କରିବା ପାଇଁ ସୁଯୋଗ ଦେବା ସହିତ ଆମକୁ ଅଧିକ ସତର୍କ ହେବାକୁ ପଡ଼ିବ। ଏହି ପ୍ରବେଶକୁ 'ସାହାଣମେଳା' ଶ୍ରେଣୀର ନ କରି ସେଥିପାଇଁ ସାବଧାନତାର ସହିତ ସୁଚିନ୍ତିତ ଭାବରେ କ୍ଷେତ୍ର ଚୟନ କରିବା ବୁଦ୍ଧିମାନର କାର୍ଯ୍ୟ ହେବ। ବିଶ୍ୱ ରାଜନୀତିର ଏହି ଜଟିଳ ସମୀକରଣ ଭିତରେ ଭାରତକୁ ନିଜର ଆର୍ଥିକ ସ୍ୱାର୍ଥ ଏବଂ ଜାତୀୟ ସୁରକ୍ଷା ମଧ୍ୟରେ ଏକ ସୂକ୍ଷ୍ମ ସନ୍ତୁଳନ ରକ୍ଷା କରିବାକୁ ହେବ। କେବଳ ଭାବପ୍ରବଣତାରେ ନୁହେଁ, ବରଂ ଦୂରଦୃଷ୍ଟିସମ୍ପନ୍ନ କୂଟନୀତି ଦ୍ୱାରା ହିଁ ଭାରତ ଏହି 'ଟ୍ରମ୍ପୀୟ ଝଡ଼'ରୁ ନିଜକୁ ସୁରକ୍ଷିତ ରଖିପାରିବ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟ କାଳରେ ବର୍ତ୍ତମାନ ପୃଥିବୀର ପ୍ରମୁଖ ଦେଶମାନେ ଯେଉଁଭଳି କୂଟନୈତିକ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି, ତାହାକୁ ଏଇ କାଳଖଣ୍ଡର ଜଟିଳତମ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଇ ପରୀକ୍ଷା ପାଇଁ ଯିଏ ପ୍ରଶ୍ନପତ୍ର ପ୍ରସ୍ତୁତ କରିଛନ୍ତି, ସିଏ ଅବଶ୍ୟ ହେଉଛନ୍ତି ଆମେରିକାର ଉଦ୍‌ଭ୍ରାନ୍ତ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ। ଏଇ ଜଟିଳତାର ଏକ ଉଦାହରଣ ସ୍ୱରୂପ କୌଣସି ଏକ ଦେଶର କୂଟନୀତି ନିର୍ଦ୍ଧାରକମାନେ ଆଜିର ଟ୍ରମ୍ପୀୟ ଦୁନିଆରେ କାହାକୁ ଶତ୍ରୁ କିମ୍ବା କାହାକୁ ମିତ୍ର ବୋଲି ବିଚାର କରି କାର୍ଯ୍ୟ କରିବେ, ସେ ସମ୍ବନ୍ଧରେ ନିଶ୍ଚିତ ହୋଇପାରୁ ନାହାନ୍ତି; କାରଣ ମିତ୍ରର ଆଚରଣ କେତେବେଳେ ଶତ୍ରୁସୁଲଭ ହେବା ବେଳେ, ଶତ୍ରୁର ଆଚରଣ ମିତ୍ରସୁଲଭ ହେବା ଦେଖାଯାଉଛି। ଯେମିତି, ଆମେରିକା ତା'ର ମିତ୍ର ଦେଶ କାନାଡାକୁ କିମ୍ବା ଡେନ୍‌ମାର୍କର ଏକ ଅଂଶ ହୋଇଥିବା ଗ୍ରୀନ୍ ?ଲାଣ୍ଡକୁ ଦଖଲ କରିବାକୁ କୁହାଟ ଦେଇ ଚାଲିଥିବା ବେଳେ, ଭାରତ ଟ୍ରମ୍ପଙ୍କର ଟାରିଫ୍ ଧମକର ସମ୍ମୁଖୀନ ହୋଇଥିବା ସମୟରେ ଭାରତକୁ ଯିଏ ଦୃଢ଼ ନୈତିକ ସମର୍ଥନ ପ୍ରଦାନ କରିବା ଦେଖାଯାଇଛି, ସେ ହେଉଛି ତା'ର ଚିର ଶତ୍ରୁ ଦେଶ ଚୀନ।

ଏଇଭଳି ଏକ ଅସ୍ଥିର ତଥା ଅଶାନ୍ତ ପରିବେଶରେ ଦେଶମାନେ ଯେତେବେଳେ କେଉଁ ପଥ ଅନୁସରଣ କରିବେ, ତାହାର ଥଳକୂଳ ପାଉ ନ ଥିବା ଦେଖାଯାଉଛି, ଭାରତ ସେତେବେଳେ କୌଣସି କ୍ଷଣିକ ଆବେଗ ଦ୍ୱାରା ପରିଚାଳିତ ନ ହୋଇ ଯେଉଁଭଳି ପଟୁତା ସହିତ କେବଳ ଜାତୀୟ ସ୍ୱାର୍ଥରକ୍ଷା କରିବା ଲକ୍ଷ୍ୟ ନେଇ ଏକାଧିକ ପରସ୍ପର-ବିରୋଧୀ ଦେଶମାନଙ୍କ ସହିତ ସୁସଂପର୍କ ରକ୍ଷା କରିପାରିଛି, ତାହାକୁ ବିଜ୍ଞ ପର୍ଯ୍ୟବେକ୍ଷକମାନେ ଏକ କୂଟନୈତିକ ଚମତ୍କାରିତା ରୂପେ ବିଚାର କରୁଛନ୍ତି। ଏହାର ପ୍ରମାଣ ସ୍ୱରୂପ ଗୋଟିଏ ବାକ୍ୟରେ କୁହାଯାଇପାରେ: ଭାରତ ଏକ ସମୟରେ ରୁଷିଆରୁ ତୈଳ ଆମଦାନି କରୁଛି, ଆମେରିକାରେ ପୁଞ୍ଜି ନିବେଶ କରୁଛି (ଅମ୍ବାନି ମାଧ୍ୟମରେ), ଇସ୍ରାଏଲ ସହିତ ଭ୍ରାତୃତ୍ୱ ପ୍ରଦର୍ଶନ କରୁଛି, ଇରାନ ସହିତ ବନ୍ଧୁତ୍ୱ ଘୋଷଣା କରୁଛି ଏବଂ ଚୀନ ସହିତ ବ୍ୟବସାୟ ସୁଗମ କରୁଛି। ଭାରତ ତା'ର ବାସ୍ତବବାଦୀ କୂଟନୀତିର ଶେଷୋକ୍ତ ଉଦାହରଣ ସ୍ୱରୂପ ଏବେ ଏକ ସଦ୍ୟ ପଦକ୍ଷେପ ଗ୍ରହଣ କରି ଭାରତରେ ଚୀନା ପୁଞ୍ଜି ନିବେଶ ପ୍ରତି ୨୦୨୦ରେ ଲାଗୁ କରିଥିବା 'ପ୍ରେସ୍‌ନୋଟ୍-୩' ରୂପକ କୋଭିଡ୍ ପାଣ୍ଡେମିକ୍ ସମୟର କଠୋର କଟକଣା କୋହଳ କରିଦେବା ଘୋଷଣା କରିଛି। ଉଦ୍ଦେଶ୍ୟ: ଟ୍ରମ୍ପସୃଷ୍ଟ ଅସ୍ଥିରତା ଯୋଗୁଁ ଯେତେବେଳେ ଭାରତରୁ ବୈଦେଶିକ ପୁଞ୍ଜି ପ୍ରତ୍ୟାହୃତ ହେବା ଦେଖାଯାଉଛି, ଏଇ ପଦକ୍ଷେପ ଯୋଗୁଁ ଚୀନା ପୁଞ୍ଜିର ପ୍ରବେଶ ଦ୍ୱାରା ସେଇ ଶୂନ୍ୟସ୍ଥାନ ପୂରଣ ହୋଇପାରିବ। ଏଣିକି ଭାରତ ସହିତ ସ୍ଥଳ ସୀମା ରହିଥିବା ଦେଶମାନେ (ପ୍ରମୁଖ- ଚୀନ) କୌଣସି ବିଶେଷ ସରକାରୀ ନିୟନ୍ତ୍ରଣ ବା ଅନୁମୋଦନର ସମ୍ମୁଖୀନ ନ ହୋଇ ସିଧାସଳଖ ପଥ (ଅଟୋମାଟିକ୍ ରୁଟ୍) ଦେଇ ଏକ ଭାରତୀୟ କଂପାନିରେ ପୁଞ୍ଜି ନିବେଶ କରିପାରିବେ, ଯାହାର ସର୍ବୋଚ୍ଚ ସୀମା ହେଉଛି ସଂପୃକ୍ତ କଂପାନିର 'ପେଡ୍-ଅପ୍ କ୍ୟାପିଟାଲ୍'ର ୧୦%। ଏହା ବାଦ୍ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ର ଯଥା- ପୁଞ୍ଜି ଦ୍ରବ୍ୟ, ଇଲେକ୍ଟ୍ରୋନିକ୍ସ ପାଇଁ ପୁଞ୍ଜି ଦ୍ରବ୍ୟ, ଇଲେକ୍ଟ୍ରୋନିକ୍ସ ଯନ୍ତ୍ରାଂଶ, ପଲିସିଲିକନ୍ ୱେଫର୍ ନିର୍ମାଣ ଆଦି ପାଇଁ ସରକାରୀ ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ସର୍ବାଧିକ ୬୦ ଦିନ ମଧ୍ୟରେ ସୀମିତ ରଖାଯାଇଛି। ତେବେ ଏହି ଆର୍ଥିକ ଉଦାରୀକରଣ ମଧ୍ୟରେ ଆମକୁ ଏକ ସ୍ମରଣୀୟ ତଥ୍ୟ ଭୁଲିବା ଉଚିତ ନୁହେଁ। ଅତୀତର ଅନୁଭୂତି କହେ ଯେ କେବଳ ରୁଷିଆ ହିଁ ହେଉଛି ଏକମାତ୍ର ଦେଶ ଯିଏ ଅକୁଣ୍ଠିତ ଭାବରେ ଭାରତକୁ ଜଟିଳ କ୍ରାୟୋଜେନିକ୍ ରକେଟ୍ ଇଞ୍ଜିନ ନିର୍ମାଣ ଜ୍ଞାନକୌଶଳ ହସ୍ତାନ୍ତର କରିଛି। ନିଃସନ୍ଦେହରେ ଚୀନ ଠାରୁ ଏଭଳି ଗଭୀର ସହଯୋଗ ଆଶା କରାଯାଇ ପାରିବ ନାହିଁ। ଏଣୁ ଚୀନା ନିବେଶକମାନଙ୍କୁ ସୁଯୋଗ ଦେବା ସହିତ ଆମେ ଏଇ ପ୍ରବେଶକୁ ସାହାଣମେଳା ଶ୍ରେଣୀର ନ କରି ସେଥିପାଇଁ ସାବଧାନତାର ସହିତ ସୁଚିନ୍ତିତ ଭାବରେ କ୍ଷେତ୍ର ଚୟନ କରିବା ବୁଦ୍ଧିମାନର କାର୍ଯ୍ୟ ହେବ। କୂଟନୀତିରେ କେହି ଚିରସ୍ଥାୟୀ ମିତ୍ର କିମ୍ବା ଶତ୍ରୁ ନୁହନ୍ତି, ବରଂ ଜାତୀୟ ସ୍ୱାର୍ଥ ହିଁ ଚିରନ୍ତନ ଏହି ସତ୍ୟକୁ ପୁଞ୍ଜି କରି ଭାରତକୁ ଆଗକୁ ବଢ଼ିବାକୁ ହେବ।

# ଦେଶର ୧୪% ସାଂସଦ 'ଅରବପତି': ସବୁଠୁ ଧନୀ ବନ୍ଦୀ ପାର୍ଥ ସାରଥୀ

ନୂଆଦିଲ୍ଲୀ: ଦେଶର ରାଜନୀତିରେ ପୁଞ୍ଜିପତିଙ୍କ ପ୍ରଭାବ ବଢ଼ିବାରେ ଲାଗିଛି। ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମସର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଦେଶର ପ୍ରାୟ ୩୧ ଜଣ ସାଂସଦ (୧୪%) ନିଜକୁ ଅରବପତି ଭାବେ ଘୋଷଣା କରିଛନ୍ତି। ଏହି ସାଂସଦମାନଙ୍କର ବ୍ୟକ୍ତିଗତ ସମ୍ପତ୍ତିର ମୂଲ୍ୟ ୧୦୦ କୋଟି ଟଙ୍କାରୁ ଅଧିକ ରହିଛି। ଅରବପତି ସାଂସଦଙ୍କ ତାଲିକାରେ ବିଜେପିର ୬ ଜଣ, କଂଗ୍ରେସର ୫ ଜଣ, ୱାଇଏସଆରସିପିର ୪ ଜଣ, ଆପ୍‌ର ୨ ଜଣ, ବିଏସପିର ୨ ଜଣ ଏବଂ ଏନସିପିର ୩ ଜଣ ସାଂସଦ ଅଛନ୍ତି। ଅନ୍ୟାନ୍ୟ ଆଞ୍ଚଳିକ ଦଳର ୯ ଜଣ ସାଂସଦ ମଧ୍ୟ ଏହି ଧନୀ ତାଲିକାରେ ସ୍ଥାନ ପାଇଛନ୍ତି। ସାମଗ୍ରିକ ଭାବେ ଜଣେ ରାଜ୍ୟସଭା ସାଂସଦଙ୍କ ହାରାହାରି ସମ୍ପତ୍ତି ପ୍ରାୟ ୧୨୦.୬୯ କୋଟି ଟଙ୍କା ରହିଛି।

ବିଭିନ୍ନ ରାଜନୈତିକ ଦଳର ସାଂସଦଙ୍କ ହାରାହାରି ସମ୍ପତ୍ତି ମଧ୍ୟରେ ବଡ଼ ବ୍ୟବଧାନ ପରିଲକ୍ଷିତ ହୋଇଛି। ବିଜେପିର ୯୯ ଜଣ ସାଂସଦଙ୍କ ହାରାହାରି ସମ୍ପତ୍ତି ୨୮.୨୯ କୋଟି ଥିବାବେଳେ କଂଗ୍ରେସର ୨୮ ଜଣ ସାଂସଦଙ୍କ ହାରାହାରି ସମ୍ପତ୍ତି ୧୨୮.୬୧ କୋଟି ଟଙ୍କା। ଆଶ୍ଚର୍ଯ୍ୟଜନକ ଭାବେ ଆପ୍‌ର ୧୦ ଜଣ ସାଂସଦଙ୍କ ହାରାହାରି ସମ୍ପତ୍ତି ସବୁଠାରୁ ଅଧିକ ଅର୍ଥାତ୍ ୫୭୪.୦୯ କୋଟି ଟଙ୍କା ରହିଛି। ସେହିପରି ୱାଇଏସଆରସିପିର ସାଂସଦଙ୍କ ହାରାହାରି ସମ୍ପତ୍ତି ୫୨୨.୬୩ କୋଟି, ସମାଜବାଦୀ ପାର୍ଟିର ୩୯୯.୭୧ କୋଟି ଏବଂ ବିଜେଡିର ୬ ଜଣ ସାଂସଦଙ୍କ ହାରାହାରି ସମ୍ପତ୍ତି ୧୦୫.୬୩ କୋଟି ଟଙ୍କା ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି। ତେଲେଙ୍ଗାନାର ବିଆରଏସ ସାଂସଦ ବନ୍ଦୀ ପାର୍ଥ ସାରଥୀ ଦେଶର ସବୁଠାରୁ ଧନୀ ସାଂସଦ ଭାବେ ଉଭା ହୋଇଛନ୍ତି। ତାଙ୍କର ମୋଟ ସମ୍ପତ୍ତିର ପରିମାଣ ୫୩୦୦ କୋଟି ଟଙ୍କା। ତାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଆପ୍ ସାଂସଦ ରାଜେନ୍ଦ୍ର ଗୁପ୍ତା, ଯାହାଙ୍କ ସମ୍ପତ୍ତି ୫୦୫୩ କୋଟି ଟଙ୍କା। ୱାଇଏସଆରସିପି ସାଂସଦ ଅଯୋଧ୍ୟା ରାମି ରେଡ୍ଡୀଙ୍କ ପାଖରେ ୨୫୭୭ କୋଟିରୁ ଅଧିକ ସମ୍ପତ୍ତି ରହିଛି। ଅନ୍ୟପଟେ, କିଛି ସାଂସଦ ଅଛନ୍ତି ଯାହାଙ୍କ ସମ୍ପତ୍ତି ତୁଳନାତ୍ମକ ଭାବେ ବହୁତ କମ୍। ଆପ୍ ସାଂସଦ ସନ୍ଥ ବଲବୀର ସିଂହଙ୍କ ସମ୍ପତ୍ତି ମାତ୍ର ୩ ଲକ୍ଷ ଟଙ୍କା ଥିବାବେଳେ ମଣିପୁର ମହାରାଜା ସାନଜାଓବା ଲେଇସେମ୍ବାଙ୍କ ସମ୍ପତ୍ତି ପ୍ରାୟ ୫ ଲକ୍ଷ ଏବଂ ଟିଏମସିର ପ୍ରକାଶ ଚିକ ବାରାଇକଙ୍କ ସମ୍ପତ୍ତି ପ୍ରାୟ ୯ ଲକ୍ଷ ଟଙ୍କା ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି।

# ଥମୁନି ଉତ୍ତେଜନା, ବ୍ୟାକଫୁଟ୍‌ରେ ଆମେରିକା !



ୱାଶିଂଟନ୍/ତେହେରାନ: ଆମେରିକା-ଇରାନ-ଇସ୍ରାଏଲ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଏବେ ଏକ ନୂଆ ଏବଂ ଭୟଙ୍କର ମୋଡ଼ ନେବାରେ ଲାଗିଛି। ଶକ୍ତିଶାଳୀ ଆମେରିକା କିଛି ମାତ୍ରାରେ 'ବ୍ୟାକଫୁଟ୍'କୁ ଚାଲିଯାଇଥିବା ପରିଲକ୍ଷିତ ହେଉଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଯୁଦ୍ଧକୁ ଆଉ ଅଧିକ ସମୟ ଟାଣିବାକୁ ଚାହୁଁନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ଏକ ସଦ୍ୟତମ ରିପୋର୍ଟ ଅନୁଯାୟୀ, ଆମେରିକାର ଅସ୍ତ୍ରଶସ୍ତ୍ର ଭଣ୍ଡାର ଅନେକାଂଶରେ ଖାଲି ହୋଇଗଲାଣି ଏବଂ ଯୁଦ୍ଧ ଜାରି ରଖିବାକୁ ହେଲେ ଆମେରିକାକୁ ତୁରନ୍ତ ପ୍ରାୟ ୨୦୦୦ ମିଲିୟନ ଡଲାରର ଆବଶ୍ୟକତା ରହିଛି। ଅନ୍ୟପଟେ, ଆମେରିକାର ଜାତୀୟ ଋଣ ପରିମାଣ ଏବେ ୩୯ ଟ୍ରିଲିୟନ ଡଲାର ଅତିକ୍ରମ କରିସାରିଲାଣି, ଯାହା ଭାରତୀୟ ଅର୍ଥନୀତିର ମୋଟ ଆକାରଠାରୁ ପ୍ରାୟ ୧୦ ଗୁଣରୁ ଅଧିକ। ଏଭଳି ସ୍ଥିତିରେ ୱାଶିଂଟନ୍ ସ୍ଥିତ ଆମେରିକୀୟ ସୈନ୍ୟଘାଟି ଉପରେ ଅଜଣା ଡ୍ରୋନ୍ ଉଡୁଥିବା ଦେଖାଯିବା ପରେ ସେଠାରେ ଆତଙ୍କ ଖେଳିଯାଇଛି। ବିଶେଷକରି ବିଦେଶ ସଚିବ ମାର୍କ ରୁବିଓ ଏବଂ ପେଣ୍ଟାଗନ୍ ମୁଖ୍ୟ ପିଟ୍ ହେଗସେଥ୍ ରହୁଥିବା ସ୍ଥାନ ନିକଟରେ ଏହି ଡ୍ରୋନ୍ ଚିହ୍ନଟ ହେବା ପରେ, ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

ଆମେରିକାର ଗୁପ୍ତଚର ବିଭାଗ ମୁଖ୍ୟ ତୁଲସୀ ଗାବାର୍ଡ ଏକ ବଡ଼ ବୟାନ ଦେଇ କହିଛନ୍ତି ଯେ, ଇରାନ ବିପକ୍ଷ ଯୁଦ୍ଧରେ ଆମେରିକା ଓ ଇସ୍ରାଏଲର ଲକ୍ଷ୍ୟ ଭିନ୍ନ ରହିଛି। ଇସ୍ରାଏଲ ଯେଉଁଠି ଇରାନର ଶୀର୍ଷ ନେତୃତ୍ୱକୁ ହଟାଇବା ଉପରେ ଜୋର ଦେଉଛି, ଆମେରିକା କେବଳ ଇରାନର ସାମରିକ ଶକ୍ତିକୁ ଦୁର୍ବଳ କରିବାକୁ ଚାହୁଁଛି। ଗାବାର୍ଡ ସ୍ପଷ୍ଟ କରିଛନ୍ତି ଯେ ଇସ୍ରାଏଲର କାର୍ଯ୍ୟାନୁଷ୍ଠାନରେ ଆମେରିକା ସିଧାସଳଖ ଜଡ଼ିତ ନୁହେଁ, କିନ୍ତୁ କ୍ରମାଗତ ଭାବେ ଗୁପ୍ତଚର ସହାୟତା ପ୍ରଦାନ କରୁଛି। ଏହି ଅବସରରେ ସେ ଭାରତ ଓ ପାକିସ୍ତାନ ମଧ୍ୟରେ ମଧ୍ୟ ଏକ ଭୟଙ୍କର ଯୁଦ୍ଧ ହେବାର ସୂଚନା ଦେଇଛନ୍ତି। ଅନ୍ୟପଟେ, ଇରାନ ଦ୍ୱାରା ଅବରୋଧ କରାଯାଇଥିବା ହର୍ମୁଜ ପ୍ରଣାଳୀକୁ ମୁକ୍ତ କରିବା ପାଇଁ ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ନେଦରଲ୍ୟାଣ୍ଡ ଏବଂ ଜାପାନ ଭଳି ୬ଟି ପ୍ରମୁଖ ଦେଶ ଆଗେଇ ଆସିଛନ୍ତି। ବିଶ୍ୱ ବଜାରରେ ତୈଳ ଓ ଗ୍ୟାସ ସଙ୍କଟକୁ ରୋକିବା ପାଇଁ ଏହି ଦେଶମାନେ ଜାହାଜଗୁଡ଼ିକୁ ସୁରକ୍ଷା ଦେବାକୁ ମିଳିତ ବିବୃତି ଜାରି କରିଛନ୍ତି। ଅନ୍ୟପଟେ ଇରାନ ଏହି ପ୍ରଣାଳୀରେ 'ଟୋଲ୍ ଗେଟ୍' ନିର୍ମାଣ କରି ପ୍ରତ୍ୟେକ ଜାହାଜ ଚଳାଚଳ ଉପରେ ଶୁଳ୍କ ଆଦାୟ କରିବାକୁ ଯୋଜନା କରୁଛି। ମଧ୍ୟପ୍ରାଚ୍ୟ ସଙ୍କଟ ଯୋଗୁଁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୧୨ ଡଲାରକୁ ବୃଦ୍ଧି ପାଇଛି। ଏଥିସହ ପ୍ରାକୃତିକ ଗ୍ୟାସ ମୂଲ୍ୟରେ ମଧ୍ୟ ୫ ପ୍ରତିଶତ ବୃଦ୍ଧି ଘଟିଛି। ରିପୋର୍ଟ ଅନୁଯାୟୀ, ବିଶ୍ୱର ପ୍ରାୟ ୯୫ଟି ଦେଶରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି ପାଇଥିବାରୁ ସାଧାରଣ ଜନତା ହନ୍ତସନ୍ତ ହେଉଛନ୍ତି।

# ମଧ୍ୟପ୍ରାଚ୍ୟ ସଙ୍କଟ: ୫ ରାଷ୍ଟ୍ରମୁଖ୍ୟଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ: ପଶ୍ଚିମ ଏସିଆରେ ବଢୁଥିବା ଯୁଦ୍ଧକାଳୀନ ଉତ୍ତେଜନା ମଧ୍ୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶାନ୍ତି ପ୍ରତିଷ୍ଠା ପାଇଁ କୂଟନୈତିକ ସ୍ତରରେ ବଡ଼ ତତ୍ପରତା ପ୍ରକାଶ କରିଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ପ୍ରଧାନମନ୍ତ୍ରୀ ବିଶ୍ୱର ୫ଟି ପ୍ରମୁଖ ଦେଶର ରାଷ୍ଟ୍ରମୁଖ୍ୟଙ୍କ ସହ ଟେଲିଫୋନ୍ ଯୋଗେ ଆଲୋଚନା କରିଛନ୍ତି। ଏହି ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଞ୍ଚଳିକ ଉତ୍ତେଜନା ହ୍ରାସ କରିବା ଏବଂ କୂଟନୈତିକ ଆଲୋଚନା ମାଧ୍ୟମରେ ସ୍ଥିରତା ଫେରାଇ ଆଣିବା।

ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ସୂଚନା ଦେଇଛନ୍ତି ଯେ, ସେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ, ଓମାନର ସୁଲତାନ ହାଇଥମ୍ ବିନ୍ ତାରିକ୍, ମାଲେସିଆ ପ୍ରଧାନମନ୍ତ୍ରୀ ଅନଓ୍ୱାର ଇବ୍ରାହିମ ଏବଂ ଜର୍ଡାନର ରାଜା ଅବଦୁଲ୍ଲା ଦ୍ୱିତୀୟଙ୍କ ସହ କଥା ହୋଇଛନ୍ତି। ଏହା ପୂର୍ବରୁ ସେ କୁଏତର ଯୁବରାଜ ଶେଖ ସବାଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଏହି ସମସ୍ତ ନେତା ପଶ୍ଚିମ ଏସିଆର ବର୍ତ୍ତମାନର ସ୍ଥିତି ଉପରେ ଗଭୀର ଚିନ୍ତା ପ୍ରକାଶ କରିବା ସହ ଯଥାଶୀଘ୍ର ଶାନ୍ତି ଫେରାଇ ଆଣିବା ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ଓମାନର ସୁଲତାନଙ୍କ ସହ ଆଲୋଚନା ବେଳେ ମୋଦୀ ସେଠାକାର ସାର୍ବଭୌମତ୍ୱ ଉଲ୍ଲଂଘନକୁ ନିନ୍ଦା କରିବା ସହ ଭାରତୀୟଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନରେ ଓମାନର ଭୂମିକାକୁ ପ୍ରଶଂସା କରିଥିଲେ। ଉଭୟ ନେତା ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଗତ ଫେବୃଆରୀ ୨୮ରେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ପରଠାରୁ ସମଗ୍ର ପଶ୍ଚିମ ଏସିଆ ଅଶାନ୍ତ ହୋଇପଡ଼ିଛି। ଯୁଦ୍ଧ ଯୋଗୁଁ ବିମାନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଥିଲେ ମଧ୍ୟ ଭାରତ ସରକାର ଏପର୍ଯ୍ୟନ୍ତ ପ୍ରାୟ ୩ ଲକ୍ଷ ଭାରତୀୟଙ୍କୁ ସେଠାରୁ ସୁରକ୍ଷିତ ଭାବେ ସ୍ୱଦେଶ ଫେରାଇ ଆଣିବାରେ ସଫଳ ହୋଇଛନ୍ତି। ଏବେ ମଧ୍ୟ ୨ ଲକ୍ଷ ୮୦ ହଜାର ଭାରତୀୟ ସେଠାରେ ଥିବାବେଳେ ସେମାନଙ୍କୁ ପର୍ଯ୍ୟାୟକ୍ରମେ ଫେରାଇ ଅଣାଯାଉଛି। କୁଏତ ଉପରେ ହୋଇଥିବା ଆକ୍ରମଣକୁ ମଧ୍ୟ ପ୍ରଧାନମନ୍ତ୍ରୀ ଦୃଢ଼ ନିନ୍ଦା କରିଛନ୍ତି।

# ଲଣ୍ଡନ୍ ରାସ୍ତାରେ ପକାଇଥିଲେ ପାନଛେପ: ଲକ୍ଷାଧିକ ଟଙ୍କାର ଜୋରିମାନା ଗଣିଲେ ଦୁଇ ଭାରତୀୟ

ଲଣ୍ଡନ: ଇଂଲଣ୍ଡର ରାଜଧାନୀ ଲଣ୍ଡନରେ ସର୍ବସାଧାରଣ ସ୍ଥାନରେ (ଖୋଲାରେ) ପାନ ଛେପ ପକାଇବା ଅଭିଯୋଗ ଆଧାରରେ ଦୁଇ ଭାରତୀୟ ବଂଶୋଭବଙ୍କୁ ବଡ଼ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ରିପୋର୍ଟ ଅନୁସାରେ ଲଣ୍ଡନ୍‌ର ଏକ ଗଭର୍ଣ୍ଣିଂ କାଉନ୍‌ସିଲ୍ ଦୁଇ ସମାନ ଘଟଣାରେ ଏହି ଦୁଇ ଭାରତୀୟ ବଂଶୋଭବ ପୁରୁଷଙ୍କ ଉପରେ ପ୍ରାୟ ୧,୩୯୧ ପାଉଣ୍ଡ୍ (ଭାରତୀୟ ମୁଦ୍ରା ଅନୁସାରେ ୧,୭୨,୦୦୦ ଟଙ୍କାରୁ ଅଧିକ ହେବ) ଲେଖାଏଁ ଜରିମାନା ଲାଗୁ କରିଥିଲା। ଏମାନଙ୍କ ବିରୋଧରେ ଅଭିଯୋଗ ହୋଇଥିଲା ଯେ, ଏମାନେ ବ୍ରେଣ୍ଟ ଅଞ୍ଚଳରେ ସ୍ୱାଭାବିକ ଭାବେ ବୁଲାବୁଲି କରୁଥିବା ବେଳେ ସର୍ବସାଧାରଣ ସ୍ଥାନରେ ପାନ ଛେପ ପକାଇଥିଲେ। ତେବେ ଏପ୍ରକାର ଅର୍ଥଦଣ୍ଡରେ ଦଣ୍ଡିତ ଦୁଇ ଭାରତୀୟ ବଂଶୋଭବ ହେଲେ ଅକ୍ଷତ କୁମାର ଭଦ୍ରେ ପଟେଲ ଏବଂ ହିତେଶ ପଟେଲ। ୩୧ ବର୍ଷୀୟ ଅକ୍ଷତ ଏଡଗେଓ୍ୱାର ଅଞ୍ଚଳର ବାସିନ୍ଦା ହୋଇଥିବା ବେଳେ ତାଙ୍କ ବିରୋଧରେ ଉତ୍ତର ପଶ୍ଚିମ ଲଣ୍ଡନ ମାଜିଷ୍ଟ୍ରେଟ୍ କୋର୍ଟ ୧୩୯୧ ପାଉଣ୍ଡ ଜରିମାନା କରିଛି। ସେ ତାଙ୍କ ଶୁଣାଣି ପାଇଁ କୋର୍ଟରେ ହାଜର ହୋଇନଥିଲେ ଏବଂ ତାଙ୍କ ଅନୁପସ୍ଥିତିରେ ଅଭିଯୋଗ ପ୍ରମାଣିତ ହୋଇଥିଲା। ୧୧ ଜୁନ୍ ୨୦୨୫ରେ କିଙ୍ଗସ୍‌ବରୀର ରାସ୍ତାରେ ପାନ ଛେପ ପକାଇବା ପାଇଁ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ସେହିପରି ୩୨ ବର୍ଷୀୟ ହିତେଶ ପଟେଲ, ରୁଇସଲିପ୍ ଅଞ୍ଚଳରେ ବସବାସ କରୁଥିବା ବେଳେ ସେ ୨୦୨୫ ଜୁନ୍ ୧୨ ତାରିଖରେ ୱେମ୍ବଲି ହିଲରେ ରାସ୍ତାରେ ପାନ ଛେପ ପକାଇଥିବା ଅଭିଯୋଗ ହୋଇଥିଲା। ପ୍ରକାଶ, ବ୍ରେଣ୍ଟ ସିଟି କାଉନ୍‌ସିଲ୍ ପ୍ରତ୍ୟେକ ବର୍ଷ କେବଳ ପାନ ଛେପଜନିତ ଦାଗଗୁଡ଼ିକୁ ସଫା କରିବା ପାଇଁ ୩୦,୦୦୦ ପାଉଣ୍ଡ୍ ଖର୍ଚ୍ଚ କରୁଛନ୍ତି। ସୁତରାଂ କାଉନ୍‌ସିଲ୍ ପକ୍ଷରୁ ସହରରେ ସର୍ବସାଧାରଣ ସ୍ଥାନରେ ଏପ୍ରକାର ବିକ୍ଷିପ୍ତ ଭାବେ ପାନଛେପ ପକାଇବାକୁ ଅର୍ଥଦଣ୍ଡ ଅଧିନ ଅପରାଧ ଭାବେ ବିବେଚନା କରାଯାଉଛି।

# ଦେଶର ୪୦% ମୁଖ୍ୟମନ୍ତ୍ରୀଙ୍କ ନାମରେ ଅପରାଧିକ ମାମଲା

ନୂଆଦିଲ୍ଲୀ : ଦେଶର ଶୀର୍ଷ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିବିଶେଷଙ୍କ ସ୍ୱଚ୍ଛତାକୁ ନେଇ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମସ ପକ୍ଷରୁ ପ୍ରକାଶିତ ସଦ୍ୟତମ ରିପୋର୍ଟ ଅନୁଯାୟୀ, ଦେଶର ପ୍ରାୟ ୪୦% ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଫୌଜଦାରୀ ବା କ୍ରିମିନାଲ ମାମଲା ବିଚାରାଧୀନ ରହିଛି। ଅର୍ଥାତ୍ ଦେଶର ୩୦ ଜଣ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ୧୨ ଜଣଙ୍କ ନାମରେ ଅପରାଧିକ ମାମଲା ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦ ଜଣ ହତ୍ୟା ଉଦ୍ୟମ, ଅପହରଣ ଏବଂ ଲାଞ୍ଚ ଭଳି ଗମ୍ଭୀର ଅଭିଯୋଗର ସମ୍ମୁଖୀନ ହେଉଛନ୍ତି। ଏହି ତାଲିକାରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ସର୍ବାଗ୍ରେ ରହିଛନ୍ତି, ଯାହାଙ୍କ ନାମରେ ସର୍ବାଧିକ ୮୯ଟି ମାମଲା ରହିଛି। ସେହିପରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ (୪୭ ମାମଲା), ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ (୧୯ ମାମଲା), କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା (୧୩ ମାମଲା), ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ (୫ ମାମଲା) ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସଙ୍କ ବିରୋଧରେ ୪ଟି ମାମଲା ରହିଛି। କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି, ବରଂ ଉଚ୍ଚ ସଦନ ରାଜ୍ୟସଭାର ସ୍ଥିତି ମଧ୍ୟ ସମାନ। ରିପୋର୍ଟ ଅନୁଯାୟୀ, ରାଜ୍ୟସଭାର ୨୨୯ ଜଣ ସାଂସଦଙ୍କ ମଧ୍ୟରୁ ୭୩ ଜଣଙ୍କ ବିରୋଧରେ ଫୌଜଦାରୀ ମାମଲା ରହିଛି। ସେମାନଙ୍କ ମଧ୍ୟରୁ ୩୬ ଜଣ ଗୁରୁତର ଅଭିଯୋଗର ସମ୍ମୁଖୀନ ହେଉଛନ୍ତି। ଦଳଗତ ଭାବେ ଦେଖିଲେ, ବିଜେପିର ସର୍ବାଧିକ ୨୭ ଜଣ ସାଂସଦଙ୍କ ନାମରେ ଅପରାଧିକ ମାମଲା ଥିବା ବେଳେ କଂଗ୍ରେସର ୧୨, ଟିଏମସି ଓ ଆପ୍‌ର ୪ ଜଣ ଲେଖାଏଁ ସାଂସଦ ଏଥିରେ ସାମିଲ ଅଛନ୍ତି। ବିଶେଷ କରି ଜଣେ ସାଂସଦ ହତ୍ୟା ମାମଲା ଏବଂ ୪ ଜଣ ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତ ଅଛନ୍ତି। ଏଥିସହିତ ୩ ଜଣ ସାଂସଦ ମହିଳା ବିରୋଧୀ ଅପରାଧରେ ମଧ୍ୟ ଜଡ଼ିତ ଥିବା ରିପୋର୍ଟରେ ଦର୍ଶାଯାଇଛି। ସାରା ଦେଶର ଚିତ୍ରକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ପ୍ରାୟ ୪୫% ବିଧାୟକ ଏବଂ ୪୬% ସାଂସଦ ନିଜ ବିରୋଧରେ ଫୌଜଦାରୀ ମାମଲା ଥିବା ଘୋଷଣା କରିଛନ୍ତି। ମହିଳା ବିରୋଧୀ ଅପରାଧ କ୍ଷେତ୍ରରେ ପଶ୍ଚିମବଙ୍ଗ ସବୁଠାରୁ ଆଗରେ ରହିଥିବା ବେଳେ ଆନ୍ଧ୍ରପ୍ରଦେଶ ଦ୍ୱିତୀୟ ସ୍ଥାନରେ ରହିଛି। ଏଭଳି ସ୍ଥିତିକୁ ରୋକିବା ପାଇଁ କେନ୍ଦ୍ର ସରକାର ସଂସଦରେ ୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିଥିଲେ। ଏହି ବିଲ୍‌ରେ ବ୍ୟବସ୍ଥା ଅଛି ଯେ, ଯଦି କୌଣସି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ ଫୌଜଦାରୀ ମାମଲାରେ ଗିରଫ ହୋଇ ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରହନ୍ତି, ତେବେ ସେମାନଙ୍କୁ ସେମାନଙ୍କ ପଦବୀରୁ ବହିଷ୍କାର କରାଯାଇପାରିବ। ଏହି ନୂଆ ନିୟମ ଆଗାମୀ ଦିନରେ ରାଜନୀତିରେ ଅପରାଧିକରଣ ରୋକିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ଅପହୃତ ଉପହାର



ବିନା ମସୃଣ ଓ ବଢ଼ିଆ ପୋଷାକରେ ଦାଢ଼ି-ପୁତୁରା। ସମ୍ପର୍କ ସିନା ଲେଖାପୋଖାରେ, ମାତ୍ର ମେଳ ଲାଗେ ବଂଶଗତ- ବୟସ, ଚେହେରା ଓ ଚରିତ୍ରରେ। ସହଜେ କେହି ଓଲଟେଇ ପାରିବେନି ଯେ, ଏମାନେ ଅଜଣା। ଖାଣ୍ଟି ଗାଉଁଲି। ଗୋଟାଏ ଘଟଣାକ୍ରମରେ ଏମାନଙ୍କର ପରିଚୟ ହେଲା, ସେତେବେଳେ କଳାବିକାଶ ଅନୁଷ୍ଠାନ ତରଫରୁ ଅନେକ ପ୍ଲାଟ୍‌ଫର୍ମ ଆସୁଥିଲା କଳାକାରମାନଙ୍କ ଦ୍ୱାରା ମଞ୍ଚରେ ନାଟକ ପ୍ରତିଯୋଗିତା କରାଯାଉଥିଲା। ଗୋଟାଏ ଦଳରେ ଉଭୟେ ଦାଢ଼ି-ପୁତୁରା ଭାବରେ ନିପୁଣ ଅଭିନୟ କରି ପୁରସ୍କୃତ ହୋଇଥିଲେ। ସେବେଠାରୁ ଅସଲ ନାମ ପରିବର୍ତ୍ତେ ଦାଢ଼ି-ପୁତୁରା ଭାବେ ସେମାନେ ପରିଚିତ ହେଲେ।

ଗଲା ଦୁଇବର୍ଷ କରୋନା କାଳରେ କାହାର କାହା ସହ ଚେହେରା ଦେଖାହେବା ସମ୍ଭବ ହେଲାନି। ହଠାତ୍ ଦୁଇବର୍ଷ ପରେ ଗୋଟେ ବଡ଼ ସହରରେ ବଢ଼ିଆ ବୁଲୁବୁଲୁ ବନା ମଉସାଙ୍କୁ ଦେଖି ଡାକ ପକାଇଲା- 'ଦାଢ଼ି ! ନମସ୍କାର ! ଆଉ କ'ଣ ଖବର ?' ବନା ମଉସା ଚମକି ପଡ଼ିଲେ। ପାଖକୁ ଯାଇ ଦେଖନ୍ତି ତ ବଢ଼ିଆ ପୁରା ସାହେବ ପାଲଟି ଯାଇଛି। ଦାଢ଼ି କହିଲେ- 'ନାହିଁରେ ପୁତୁରା, ଖବର କିଛି ଭଲ ନାହିଁ। ଏ କରୋନା ଏମିତି କଲା ଯେ ନାଟକ ମଞ୍ଚ ନୁହେଁ, ବରଂ ଆମ ଭଳି କଳାକାରଙ୍କ ପେଟ-ପକେଟ ସବୁ ଖାଲି କରିଦେଲା।'

ବଢ଼ିଆ ହସି କହିଲା, 'ମଉସା, ଚିନ୍ତା କରନି। ମୁଁ ଆଜି ତୁମକୁ ଗୋଟେ ବଡ଼ କାମ ଦେବି। ତୁମେ ଖାଲି ମୋ ବାପା ହେବାର ଅଭିନୟ କରିବ। ବଦଳରେ ହଜାରେ ଟଙ୍କା ପାଇବ।' ବନା ମଉସା ରାଜି ହୋଇଗଲେ। ବଢ଼ିଆ ତାଙ୍କୁ ସହରର ସବୁଠୁ ବଡ଼ ଗାଡ଼ି ଶୋ-ରୁମକୁ ନେଇଗଲା। ସେଠାରେ ବଢ଼ିଆର ଠାଣି ଦେଖି ମ୍ୟାନେଜର ମଧ ହଡ଼ବଡ଼େଇ ଗଲେ। ବଢ଼ିଆ କହିଲା, 'ମ୍ୟାନେଜର ବାବୁ, ଆଜି ମୋ ବାପାଙ୍କର ସିଲଭର ଜୁବୁଲି। ମୁଁ ତାଙ୍କୁ ଏହି 'ସଫାରୀ' ଗାଡ଼ିଟି ଉପହାର ଦେବି।'

ବନା ମଉସା ଅଭିନୟ କରି କହିଲେ, 'ଆରେ ପୁଅ ! ଏତେ ଦାମୀ ଗାଡ଼ି କାହିଁକି ? ମୋର ସେଇ ପୁରୁଣା ସାଇକେଲ୍ ଭଲ।' ବଢ଼ିଆ ରାଗିବାର ଅଭିନୟ କରି କହିଲା, 'ନାଇଁ ବାପା, ତୁମେ ଏତେ କଷ୍ଟ କରି ମୋତେ ବଡ଼ କରିଛ, ଆଜି ଖାଲି ଗାଡ଼ି ନୁହେଁ, ମା' ପାଇଁ ସୁନା ହାର ବି କିଣିବା।'

ସେଠାରୁ ସେମାନେ ଏକ ବଡ଼ ଜୁଏଲାରୀ ଦୋକାନକୁ ଗଲେ। ସେଠାରେ ୫ ଲକ୍ଷ ଟଙ୍କାର ଏକ ହାର ପସନ୍ଦ କଲେ।

ବଢ଼ିଆ ମାଲିକଙ୍କୁ କହିଲା, 'ଆଜି ସନ୍ଧ୍ୟାରେ ଆମ ଘରେ ଭୋଜି ଅଛି। ଆପଣ ଗାଡ଼ି ଓ ହାର ନେଇ ଏହି ଠିକଣାକୁ ଆସନ୍ତୁ, ସେଇଠି ମୁଁ ଚେକ୍ କାଟିଦେବି।' ସେମାନେ ସେଠାରୁ ବାହାରି ଆସିଲେ। ବନା ମଉସାଙ୍କୁ ହଜାରେ ଟଙ୍କା ଦେଇ ବଢ଼ିଆ କହିଲା, 'ମଉସା, ତୁମେ ଏବେ ଯାଅ, କାମ ସରିଲା।'

ସନ୍ଧ୍ୟା ବେଳକୁ ଗାଡ଼ି ଶୋ-ରୁମ୍ ମାଲିକ ଓ ଜୁଏଲାରୀ ମାଲିକ ସେହି ଠିକଣାରେ ପହଞ୍ଚିଲେ। କିନ୍ତୁ ସେଠାରେ ଦେଖିଲେ ତାହା ଏକ ପରିତ୍ୟକ୍ତ ଗୋଦାମ ଘର। କେହି ସେଠାରେ ନାହାଁନ୍ତି। ସେମାନେ ବୁଝିପାରିଲେ ଯେ ସେମାନେ ଏକ ବଡ଼ ଠକେଇର ଶିକାର ହୋଇଛନ୍ତି। ବଢ଼ିଆ ପୂର୍ବରୁ ହିଁ ସେଠାରୁ ସବୁ ଜିନିଷ ନେଇ ଚମ୍ପଟ ମାରିସାରିଥିଲା।

ବନା ମଉସା ଘରକୁ ଯାଇ ଶୋଇବା ବେଳକୁ ତାଙ୍କ ମନ ଭାରି ହେଉଥିଲା। ସେ ଭାବୁଥିଲେ, ଏ କେମିତିକା ଅଭିନୟ ? ଯେଉଁଠି ମୁଁ ଜଣକୁ ଠକିବାରେ ସାହାଯ୍ୟ କଲି ?

ପରଦିନ ସକାଳୁ ପୋଲିସ ବନା ମଉସାଙ୍କ ଘରେ ପହଞ୍ଚିଲା। ସେଠାରେ ଶୋ-ରୁମ୍ ମାଲିକ ତାଙ୍କୁ ଦେଖି ଚିହ୍ନି ପକାଇଲେ। ବନା ମଉସା କାନ୍ଦି କାନ୍ଦି ସବୁ ସତ କଥା କହିଦେଲେ। ସେ କହିଲେ, 'ମୁଁ କେବଳ ହଜାରେ ଟଙ୍କା ପାଇଁ ଏହି ଅଭିନୟ କରିଥିଲି, ମୁଁ ଜାଣି ନଥିଲି ବଢ଼ିଆ ଏତେ ବଡ଼ ଅପରାଧୀ।'

ପୋଲିସ ବଢ଼ିଆର ପିଛା କଲା ଏବଂ ଶେଷରେ ତାକୁ ଧରିଲା। ବଢ଼ିଆ ପାଖରୁ ସବୁ ଚୋରା ଜିନିଷ ମିଳିଲା। ଜେଲ ଭିତରେ ବଢ଼ିଆ କହିଲା, 'ମଉସା, ଜୀବନଟା ଏମିତି ଏକ ନାଟକ, ଯେଉଁଠି ସବୁ ଅଭିନେତା ଶେଷରେ ଧରାପଡ଼ନ୍ତି।' ବନା ମଉସା ବୁଝିଗଲେ ଯେ, ପେଟ ପାଇଁ ଅଭିନୟ କରିବା ଠିକ୍ କିନ୍ତୁ କାହାକୁ କଷ୍ଟ ଦେଇ ଅଭିନୟ କରିବା ପାପ। ସେହିଦିନଠାରୁ ସେ ଶପଥ ନେଲେ ଯେ, ସେ ଆଉ କେବେ ବି ମିଛ ସାହାରା ନେବେ ନାହିଁ। କଳା ହେଉଛି ପବିତ୍ର, ତାକୁ ଅପବିତ୍ର କରିବା ଉଚିତ ନୁହେଁ।

**ସୁନୀଲ କୁମାର ମହାନ୍ତି**
*ମେଣ୍ଢାଶାଳ, ଜଗତସିଂହପୁର*

# ପ୍ରତିଶୋଧ

ସଂଭ୍ରାନ୍ତ ଘରର ଅଗଣା। ସନ୍ଧ୍ୟାବେଳେ ଗାଡ଼ି ରଖିସାରି ନିରାମୟ ବାବୁ ବାରଣ୍ଡାରେ କୁସନ ଚୌକିରେ ବସି ସାମନାରେ ଘାସ ବଗିଚା ଆଡ଼େ ଚାହିଁ ରହନ୍ତି। ଦିନସାରା ଖଟଣିରୁ ମୁକ୍ତି ପାଇ ଏହି କିଛି ସମୟ ସେ ନିଜ ସହିତ ବିତାଇବାକୁ ଚାହାନ୍ତି। କିନ୍ତୁ ସବୁବେଳେ ତାଙ୍କ ଏହି ଶାନ୍ତିରେ ବାଧା ସୃଷ୍ଟି କରେ ଗୋଟିଏ କୁକୁର। ପଡ଼ୋଶୀ ଘରର ବୁଲା କୁକୁରଟି ପ୍ରତିଦିନ ନିର୍ଦ୍ଦିଷ୍ଟ ଏହି ସମୟରେ ତାଙ୍କ ବାରଣ୍ଡା ପାଖକୁ ଚାଲିଆସେ ଏବଂ ଏକ ବିକଳ ସ୍ୱରରେ ଘାଉଁ ଘାଉଁ ହୋଇ ଭୁକିବାକୁ ଲାଗେ। ସେଦିନ ମଧ ତାହାହିଁ ହେଲା। ବିରକ୍ତିରେ ନିରାମୟ ବାବୁ ପାଖରେ ଥିବା ଏକ ଛୋଟ ଗୋଡ଼ି ଉଠାଇ ତା' ଉପରକୁ ଏମିତି ଫିଙ୍ଗିଲେ ଯେ ସେଇଟି ଠିକ୍ ଭାବରେ ତା' ପେଟରେ ବାଜିଲା। କୁକୁରଟି ଯନ୍ତ୍ରଣାରେ କୁଁ କୁଁ ହୋଇ ସେଠାରୁ ଦୌଡ଼ି ପଳାଇଲା।

ରାତିରେ ନିରାମୟ ବାବୁ ଶୋଇବାକୁ ଯାଇଥିବା ବେଳେ ସେଇ କୁକୁରର କାନ୍ଦଣା ଶବ୍ଦ ତାଙ୍କ ମନରେ ପ୍ରତିଧ୍ୱନିତ ହେଲା। କିଛି ବର୍ଷ ତଳର କଥା ତାଙ୍କର ମନେ ପଡ଼ିଲା। ସେତେବେଳେ ସେ ଛୋଟ ଥିଲେ, କାହା କଥା ନମାନି ଯେତେବେଳେ ସେ ଅଳସୁଆ ବୋଲି ଶୁଣୁଥିଲେ, 'ବାବୁ ! ଅଳସୁଆମାନଙ୍କୁ ଭଗବାନ ମଧ ସାହାଯ୍ୟ କରନ୍ତି ନାହିଁ'-ଏହି କଥାଟି ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା। ସେହି ଛୋଟ ଗାଳିକୁ ସେ ପ୍ରତିଶୋଧ ଭାବେ ନେଇ ଆଜି ଏତେ ବଡ଼ ଇଞ୍ଜିନିୟର ହୋଇପାରିଥିଲେ। କିନ୍ତୁ ଆଜି ସେ ଅନୁଭବ କଲେ ଯେ ସେହି କୁକୁରଟି ପ୍ରତି ତାଙ୍କର ବ୍ୟବହାର ଅତ୍ୟନ୍ତ କଦର୍ଯ୍ୟ ଥିଲା। କୌଣସି ଜୀବକୁ ଏମିତି ଯନ୍ତ୍ରଣା ଦେବା କଣ ଠିକ୍ ?

ସକାଳୁ ଉଠିବା ମାତ୍ରେ ନିରାମୟ ବାବୁଙ୍କ ମନରେ ଏକ ଅଜଣା ଅସ୍ଥିରତା ଖେଳିଗଲା। ସେ କୁକୁରଟିର ସନ୍ଧାନରେ ବାହାରକୁ ଗଲେ। ସାଙ୍ଗରେ କିଛି ଖାଦ୍ୟ ଓ ପାଣି ମଧ ନେଇଥିଲେ। ଖୋଜୁ ଖୋଜୁ ଗଳି ଶେଷରେ ଏକ ଅଳିଆ ଗଦା ପାଖରେ ସେହି କୁକୁରଟିକୁ ପାଇଲେ। କୁକୁରଟି ସେଠାରେ ତା'ର ଚାରୋଟି ଛୋଟ ଛୋଟ ଛୁଆଙ୍କ ସହ ଶୋଇଥିଲା। ତା'ର ଆଖିରେ ଏବେ ମଧ ସେହି ଯନ୍ତ୍ରଣା ଓ ଭୟ ଥିଲା।

ନିରାମୟ ବାବୁ ଧୀରେ ଧୀରେ ତା' ପାଖକୁ ଯାଇ ଖାଦ୍ୟ ଓ ପାଣି ବଢ଼ାଇଲେ। ପ୍ରଥମେ କୁକୁରଟି ଭୟରେ ଘୁଞ୍ଚିଗଲା, କିନ୍ତୁ ଶେଷରେ ସେହି ଖାଦ୍ୟକୁ ଗ୍ରହଣ କଲା। ସେ ସେଠାରେ ଠିଆ ହୋଇ ଦେଖୁଥିଲେ ଯେ କିପରି ସେହି ମା' କୁକୁରଟି ନିଜେ ନଖାଇ ନିଜ ଛୁଆମାନଙ୍କୁ ଆଗ ଖୁଆଉଥିଲା। ସେହି ମୁହୂର୍ତ୍ତରେ ନିରାମୟ ବାବୁଙ୍କୁ ଅନୁଭବ ହେଲା ଯେ ସେହି କୁକୁରଟି ତାଙ୍କ ଠାରୁ ପ୍ରତିଶୋଧ ନେଉନାହିଁ, ବରଂ ତାଙ୍କୁ କ୍ଷମା କରିଦେଇଛି।

ତାଙ୍କ ମନର ସବୁ ଅହଂକାର ଧୋଇ ହୋଇଗଲା। ସେ ବୁଝିପାରିଲେ ଯେ ପ୍ରକୃତ ପ୍ରତିଶୋଧ ହିଂସାରେ ନଥାଏ, ବରଂ ନିଜର ଭୁଲ୍ ସୁଧାରିବାରେ ଏବଂ ଅନ୍ୟ ପ୍ରତି ଦୟାଭାବ ଦେଖାଇବାରେ ଥାଏ। ସେହିଦିନଠାରୁ ନିରାମୟ ବାବୁଙ୍କ ବଗିଚାର ସନ୍ଧ୍ୟା ଶାନ୍ତିମୟ ହୋଇଗଲା ଏବଂ ସେହି କୁକୁରଟି ଏବେ ତାଙ୍କର ବନ୍ଧୁ ପାଲଟି ଯାଇଥିଲା।

ସେଦିନ ସକାଳର ସେହି ଘଟଣା ନିରାମୟ ବାବୁଙ୍କ ଜୀବନର ଏକ ନୂଆ ଅଧ୍ୟାୟ ଆରମ୍ଭ କରିଥିଲା। ସେ କେବଳ ସେହି କୁକୁରଟିକୁ ଖାଦ୍ୟ ଦେଇ ଘରକୁ ଫେରି ନଥିଲେ, ବରଂ ନିଜ ହୃଦୟରେ ଏକ ବଡ଼ ଦାୟିତ୍ୱବୋଧ ନେଇ ଫେରିଥିଲେ। ଘରକୁ ଆସି ସେ ସିଧା ବଗିଚା କାମ କରୁଥିବା ମାଳି ହରିଆକୁ ଡାକିଲେ। ହରିଆ ଭୟରେ ଆସି ପହଞ୍ଚିଲା, ଭାବିଲା ବୋଧହୁଏ ବାବୁ କୌଣସି ଭୁଲ୍ ପାଇଁ ଗାଳି ଦେବେ। କିନ୍ତୁ ନିରାମୟ ବାବୁଙ୍କ କଥା ଶୁଣି ସେ ଆଶ୍ଚର୍ଯ୍ୟ ହୋଇଗଲା।

'ହରିଆ, ଗଳି ଶେଷରେ, ସେଇ ଅଳିଆ ଗଦା ପାଖରେ, ଗୋଟେ ମା' କୁକୁର ତାର ଚାରିଟା ଛୁଆଙ୍କ ସହ ଅଛି। ତୁ ଯା' ଏବେ, ତାଙ୍କୁ ଉଠାଇ ନେଇ ଆସ,' ନିରାମୟ ବାବୁ ଆଦେଶ ଦେଲେ।

ହରିଆ ହଡ଼ବଡ଼େଇ ଗଲା, 'ବାବୁ ସେଇ ବୁଲା କୁକୁରକୁ କୋଉଠି ରଖିବା ?'

ନିରାମୟ ବାବୁ କହିଲେ, 'ଆମ ବାରଣ୍ଡା ପଛ ପଟେ ଯୋଉ ଖାଲି ଜାଗା ଅଛି, ସେଇଠି ଏକ ସୁନ୍ଦର କୁକୁର ଘର (ଳରଭ-ଭରକ୍ଷ) ତିଆରି କର। ମୁଁ ସେଇଠି ସେମାନଙ୍କୁ ରଖିବି। ଆଉ ମନେ ରଖ, ତାଙ୍କୁ ଯେମିତି କିଛି ଅସୁବିଧା ନହୁଏ, ତୁ ହିଁ ତାର ଯତ୍ନ ନେବୁ।'

ହରିଆର ଆନନ୍ଦର ସୀମା ରହିଲାନି। ସେ ଜାଣିଥିଲା ବାବୁ କେତେ କଠୋର ଥିଲେ, କିନ୍ତୁ ଆଜି ତାଙ୍କ ଭିତରେ ଏମିତି ପରିବର୍ତ୍ତନ ଦେଖି ସେ ଖୁସିରେ ଦୌଡ଼ିଲା। ସନ୍ଧ୍ୟା ସୁଦ୍ଧା ଏକ କୁନି, କାଠର କୁକୁର ଘର ପ୍ରସ୍ତୁତ ହୋଇଗଲା। ନିରାମୟ ବାବୁ ନିଜେ ଯାଇ ସେମାନଙ୍କୁ ନେଇ ଆସିଲେ। ମା' କୁକୁରଟି ଠିକ୍ ଭାବେ ବୁଝିପାରୁଥିଲା ଯେ ଏବେ ସେମାନେ ସୁରକ୍ଷିତ।

ବଗିଚାର ସନ୍ଧ୍ୟା ଆଉ ନିରବ ନଥିଲା। ଏବେ ବାରଣ୍ଡାରେ ବସିଥିବା ବେଳେ, କୁନି କୁନି ଛୁଆଙ୍କ ଖେଳ ଏବଂ ସେମାନଙ୍କର କୁଁ କୁଁ ଶବ୍ଦ ନିରାମୟ ବାବୁଙ୍କ ମନକୁ ଶାନ୍ତି ଦେଉଥିଲା। ସେ ସେମାନଙ୍କର ନାଁ ଦେଲେ- 'ରବି', 'ଶଶୀ', 'ତାରା' ଏବଂ 'ଧ୍ରୁବ'। ମା' କୁକୁରଟି, ଯାହାକୁ ସେ 'ମା' ' ବୋଲି ଡାକୁଥିଲେ, ତାର ଚାହାଣିରେ କେବଳ ଦୟା ଓ କୃତଜ୍ଞତା ଥିଲା। ନିରାମୟ ବାବୁଙ୍କ ସହରର ସବୁଠୁ ବଡ଼ ଇଞ୍ଜିନିୟରିଂ ପ୍ରୋଜେକ୍ଟ ଚାଲିଥିଲା। ସେହି ପ୍ରୋଜେକ୍ଟରେ ସେ ସଫଳତା ପାଇଥିଲେ, କିନ୍ତୁ ଆଜିର ଏହି ସଫଳତା ତାଙ୍କୁ ସବୁଠୁ ଅଧିକ ଆନନ୍ଦ ଦେଉଥିଲା। ସେ ଜାଣିଥିଲେ ଯେ ସେ ବର୍ତ୍ତମାନ କେବଳ ଏକ 'ସୁଖମୟ ଘର' ର ଇଞ୍ଜିନିୟର ନୁହଁନ୍ତି, ବରଂ 'ପ୍ରେମମୟ ପରିବାର' ର ଏକ ଅଂଶ। ପ୍ରତିଶୋଧ, ଯାହାକୁ ସେ ସଫଳତାର ଏକ ଚାବି ବୋଲି ଭାବୁଥିଲେ, ଏବେ ତାର ନୂଆ ଅର୍ଥ- ନିଜର ଭୁଲ୍ ସୁଧାରିବା, ଦୟାଭାବ ଏବଂ କ୍ଷମା କରିବା ପାଲଟି ଯାଇଥିଲା। ପ୍ରକୃତ ସମ୍ଭ୍ରାନ୍ତତା ତାଙ୍କ ଘରେ ନୁହେଁ, ତାଙ୍କ ହୃଦୟରେ ଆସିଥିଲା।

**ଅଲେଖ ଚନ୍ଦ୍ର ମିଶ୍ର**
*ଶାସ୍ତ୍ରୀନଗର, ଭୁବନେଶ୍ୱର*

## ଯୁଗ ଆମ ବଦଳୁଛି

ବାପ ଯେ ଯାଇଛି ଗାଈ ଚରାଇ
ଚୁଲି ଫୁଙ୍କି ବୋଉ ମରୁଛି
ପୁଅ କହୁଛି ମୁଁ ପବଜି ଗେମ୍‌ର
ହାଇ ର୍ୟାଙ୍କ ପୁସ୍ କରୁଛି
ଯୁଗ ଆମ ବଦଳୁଛି।
ବାପ ଚଲାଏ ଭଙ୍ଗା ସାଇକେଲ
ପୁଅ ଯେ ବୁଲେଟ୍ ଚଢୁଛି
ବାପ ସିନା ସ୍ୱାଭିମାନରେ ବଞ୍ଚୁଛି
ପୁଅ କିନ୍ତୁ କିସ୍ତି ଦେଇ ମରୁଛି
ଯୁଗ ଆମ ବଦଳୁଛି।
ବାପ ଯେ ଖଟୁଛି ବ୍ୟାଙ୍କରେ ଟଙ୍କା
ଖଟି ଖଟି ଦିନ ଯାଉଛି
କହୁଛି ଆଉ ଖଟି ପାରିବିନି
ବୟସ ପଚାଶ ଡେଉଁଛି।
ସେଇ ଟଙ୍କା ସବୁ ପୁଅ ଯେ ଚୋରାଇ
ପ୍ରେମିକାକୁ ଗିଫ୍ଟ ଦେଉଛି
ଯୁଗ ଆମ ବଦଳୁଛି।
ମାଆ ହାତ ଛିଡ଼େ ବାସନ ମଜାରେ
ଝିଅ ଆମ ଟିକ୍‌ଟକ୍ କରୁଛି
ମା' ପାଇଁ ନାହିଁ ପାଉଡର ଟିକେ
ଝିଅ ଆମ ଫେସ୍‌କ୍ରିମ୍ ମାଖୁଛି
ଯୁଗ ଆମ ବଦଳୁଛି।
ବୋଉ ଯେ ଫଟାଲୁଗା ସବୁ ସିଲେଇ
ମାରୁଛି
ଦି' ପଇସା ପାଇବ ବୋଲି
ଝିଅ ଯେ ମଗାଏ ଚିରାଫଟା ସବୁ
ଟ୍ରେନ୍‌ଡିଙ୍ଗ୍ ଚାଲିବ ବୋଲି
ଏହା ଦେଖି ମୁଁ ମଧ ଭାବି ମରୁଛି
ଯୁଗ ଆମ ବଦଳୁଛି।
ନିଜ ଘରେ ତ ମାଆଝିଅ ଯୋଡ଼ି
ଭାରି ତ ସରସ ସୁନ୍ଦର ଦିଶୁଛି
ସେଇ ସମ୍ପର୍କଟି ଶାଶୂଘରେ କିଆଁ
ଭାଙ୍ଗି ଛିଡ଼ିଛିଡ଼ି ଯାଉଛି
ଯୁଗ ଆମ ବଦଳୁଛି
ଶାଶୂ କି ନଣନ୍ଦ ଝିଅ କିମ୍ବା ମାଆ
ସଭିଙ୍କ ଦୋଷ ରହୁଛି
ଲେଖୁଛି ବୋଲି ରାଗିବନି ମୋତେ
ସବୁଠି ଏମିତି ହେଉଛି
ଯୁଗ ଆମ ବଦଳୁଛି।
ସ୍ୱାର୍ଥପର ଏହି ଦୁନିଆ ଭିତରେ
ସବୁଠି ଏମିତି ଘଟୁଛି
ପେଟର ଭୋକକୁ ବୁଝିବା ଲୋକଟି
ମଣିଷପଣିଆରେ ଗଣା ହେଉଛି
ଯୁଗ ଆମ ବଦଳୁଛି।


**ତେଜସ୍ୱିନୀ ଦେହୁରୀ**
ଦଣ୍ଡାସିଂହା, ବାରକୋଟ, ଦେବଗଡ଼

## ଅପୂର୍ବ ଉଡ଼ାଣ

ସୁଦୂର ନୀଳିମା ବୁକୁରେ ସେ ଏକ
ଅଥକ ଯାତ୍ରୀର ଡେଣା,
ସାଗର ଲହରୀ ଉପରେ ତାର
ଜୟଯାତ୍ରା ଅଜଣା।
ନାହିଁ ଥକ୍କାପଣ, ନାହିଁ ଅବସାଦ
ନାହିଁ ଟିକେ ବିଶ୍ରାମ,
ଏଗାର ଦିନର ମାରାଥନ୍ ପଥେ
ଲେଖଇ ନିଜର ନାମ।
ଆଲାସ୍କା ଛାଡ଼ି ତାସମାନିଆରେ
ମାରେ ସେ ବିଜୟ ଟୀକା,
କୁନି ଦେହେ ତାର ସାହସ ଅମାପ
ପ୍ରକୃତିର ସେ ଯେ ଶିଖା।
ସୂର୍ଯ୍ୟ ତାରାର ପଥକୁ ଚିହ୍ନି
ବାଟ ସେ ପାଏ ଖୋଜି,
ମୁକ୍ତ ଆକାଶେ ଉଡ଼େ ସେ ପକ୍ଷୀ
ଡେଣାକୁ ନିଜର ମେଲି।

**ଦେବସେନା ଅବନ୍ତିକା**
ଉତ୍ତମନଗର, ଖୋର୍ଦ୍ଧା

# ହଟ୍ ସମରର ଫ୍ୟାଶନ୍





**ଫ୍ୟାଶନ୍ ଲଭର୍ ସବୁବେଳେ ଷ୍ଟାଇଲିଶ୍ ଦେଖାଯିବାକୁ ଚାହାନ୍ତି। ଏମିତିକି ଖରାଦିନର ପ୍ରବଳ ଗରମରେ ବି। ତେବେ ପୁରୁଷମାନେ କ'ଣ ପିନ୍ଧିଲେ ହଟ୍ ସମରରେ କୁଲ୍ ଲାଗିବେ, ଜାଣନ୍ତୁ ସେ ସମ୍ପର୍କରେ...**

***ଫ୍ଲୋରାଲ ଶାର୍ଟ ସହ ଶର୍ଟସ୍:*** ଖରାଦିନେ କାଜୁଆଲ ଓ ଷ୍ଟାଇଲିଶ୍ ଲୁକ୍ ପାଇବା ପାଇଁ ପୁରୁଷମାନେ କଟନ୍ ଶର୍ଟସ୍ ସହ ହାଫ ସ୍ଲିଭର୍ ଫ୍ଲୋରାଲ ଶାର୍ଟ ପିନ୍ଧିପାରିବେ। ଛୋଟରୁ ବଡ଼ ବିଭିନ୍ନ ସାଇଜ୍‌ର ଫୁଲ ପ୍ୟାଟର୍ନର ଶାର୍ଟ ମିଳେ। ଖାସକରି ଛୁଟିରେ ବାହାରକୁ ବୁଲିବାକୁ ଯାଉଥିଲେ ଏହି ଲୁକ୍ ଷ୍ଟାଇଲିଶ ଓ କୁଲ୍ ଲାଗେ। ଶର୍ଟସ୍‌ରେ ବେଜ୍ ଅବା ଖାକି ରଙ୍ଗ ଭଲ ଲାଗେ।

**ଟି-ଶାର୍ଟ, ଶର୍ଟସ୍ ଓ ସ୍ନିକର୍ସ:** ଯଦି ଔଜ୍ଜ୍ୱଲ୍ୟମାନ ଓ ଗାଢ଼ ରଙ୍ଗ ପସନ୍ଦ ନୁହେଁ, ତେବେ ଏହି ଋତୁରେ ନ୍ୟୁଟ୍ରାଲ ରଙ୍ଗକୁ ନିଜର ସାଥୀ କରିପାରିବେ। ହାଲ୍କା ରଙ୍ଗର ଶର୍ଟସ୍ ସହ ଅଫ୍ ହ୍ୱାଇଟ୍ ଅବା ହ୍ୱାଇଟ୍ ଟି-ଶର୍ଟ ଓ ହ୍ୱାଇଟ୍ ସ୍ନିକର୍ସ ଏକ ଆକର୍ଷକ କାଜୁଆଲ ସମର୍ ଆଉଟ୍‌ଫିଟ୍ ହୋଇପାରିବ।

**ବେସ୍‌ବଲ କ୍ୟାପ୍ ସହ ଭେଷ୍ଟ ଅବା ଟି-ଶାର୍ଟ ଓ ଶର୍ଟସ୍:** ସବୁ ଋତୁରେ ଷ୍ଟାଇଲିଶ୍ ଲୁକ୍ ଦିଏ ବେସ୍‌ବଲ୍ କ୍ୟାପ୍। ଏମିତିକି ଏକ ସାଧାରଣ ଟି-ଶାର୍ଟ ଓ ଶର୍ଟସ୍ ସହ ଏହାକୁ ପିନ୍ଧିଦେଲେ ବି ଲୁକ୍ ଷ୍ଟାଇଲିଶ ହୋଇଯାଏ। ଆଉ ଯଦି ଏହାସହ ସନ୍‌ଗ୍ଲାସ୍ ପେୟାର କରିବେ ଲୁକ୍ ପୂରା କୁଲ୍ ଲାଗିବ।

**ଲିନେନ୍ କୋ-ଅର୍ଡସ୍:** ଅଫିସ୍‌ରେ ଯଦି ସୁଟ୍ ଛଡ଼ା ଆଉ କିଛି ପିନ୍ଧା ଯାଉ ନ ଥାଏ, ତେବେ ଲିନେନ୍‌ର କୋ- ଅର୍ଡ ସେଟ୍ ପିନ୍ଧିପାରିବେ। ଏଥିପାଇଁ ପ୍ରଥମେ ନିଜ ପାଇଁ ଏକ ଭଲ ଫିଟିଂର ସେଟ୍ କିଣନ୍ତୁ। ଯେମିତି କି ଏହା ନା ବେଶି ଢିଲା ହେଉଥିବ, ନା ବେଶି ଟାଇଟ୍। ସବୁବେଳେ ଧୂସର, ବେଜ୍ ଭଳି ନ୍ୟୁଟ୍ରାଲ ରଙ୍ଗର କୋ-ଅର୍ଡସ୍ ବାଛନ୍ତୁ।

**ଟି-ଶର୍ଟ ଉପରେ ଶାର୍ଟ ଓ ଜିନ୍ସ:** ଏକ ଢିଲା ସୂତା ଶାର୍ଟକୁ ବିପରୀତ ରଙ୍ଗର ଟି-ଶାର୍ଟ ଉପରେ ପିନ୍ଧି ଆପଣ ଏକ ଷ୍ଟାଇଲିଶ ସମର୍ ଲୁକ୍ ପାଇପାରିବେ। ଏହାସହ ଯଦି ବ୍ୟାଗି ଜିନ୍ସ ଓ ସ୍ନିକର୍ସ ପିନ୍ଧିବେ ତ ଲୁକ୍ ଆହୁରି ଆଟ୍ରାକ୍ଟିଭ ଲାଗିବ।

**ଆର୍ଟସି ଟି-ଶାର୍ଟ, ସିଗରେଟ୍ ପ୍ୟାଣ୍ଟ ଓ ସାଣ୍ଡଲ:** କଳାପ୍ରେମୀଙ୍କୁ ଏହି ଲୁକ୍ ପସନ୍ଦ ଆସିବ। ଆର୍ଟ ହୋଇଥିବା ଟି-ଶାର୍ଟ ସହ କଣ୍ଟ୍ରାଷ୍ଟ ରଙ୍ଗର ସିଗାରେଟ୍ ପ୍ୟାଣ୍ଟ ଓ ଷ୍ଟ୍ରାପି ସାଣ୍ଡଲ ଏକ କୁଲ୍ ସମର୍ ଲୁକ୍ ଦେବ।

**ଜଗର୍ସ ସହ ବ୍ୟାଗି ଟି-ଶାର୍ଟ:** ଖରାଦିନେ ଆରାମଦାୟକ ଅନୁଭବ କରିବା ପାଇଁ ଜଗର୍ସ ସହ ଢିଲା ଟି-ଶାର୍ଟ ପିନ୍ଧି ପାରିବେ। ଯା'ସହ ଷ୍ଟାଇଲିଶ୍ ନେକ୍ ଚେନ୍ ଲଗାଇପାରିବେ। ଫଳରେ ହିପ୍‌ହପ୍ ଲୁକ୍ ମିଳିବ।

**ଧଳା ଶାର୍ଟ ଓ ଏସ୍ପାଡ୍ରିଲ୍‌ସ:** ଖରାଦିନେ ଖାଲି ଜୋତା ଓ ସ୍ନିକର୍ସ ନୁହେଁ ଏସ୍ପାଡ୍ରିଲ୍ସ ପିନ୍ଧି ବି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ। ଏହା କପଡ଼ାରେ ତିଆରି ହୋଇଥିବାରୁ ପ୍ରାୟ ସବୁ ଆଉଟ୍‌ଫିଟ୍ ସହ ଭଲ ଦେଖାଯାଏ। ଖାସ୍‌କରି ଧଳାଶାର୍ଟ ଓ ସ୍ଲିମ୍‌ଫିଟ୍ କଟନ୍ ପ୍ୟାଣ୍ଟ ସହ ଏସ୍ପାଡ୍ରିଲ୍‌ସ କୁଲ୍ ଲୁକ୍ ଦେଇଥାଏ।

**ପୋଲୋ ଟି-ଶାର୍ଟ ସହ ଶର୍ଟସ୍:** ଶର୍ଟସ୍ ସହ ପୋଲୋ ଟି- ଶାର୍ଟ ଯେମିତି ଆରାମଦାୟକ ସେମିତି ଷ୍ଟାଇଲିଶ ବି। ଏହାସହ ଗ୍ୟାସଲ୍ଟ ଲୋଫର୍ସ ଅବା କାନଭାସ୍ ସ୍ନିକର୍ସ ପିନ୍ଧିପାରିବେ। ଟି- ସର୍ଟକୁ ଶର୍ଟସ୍ ସହ ଇନ୍ କରି ଅବା ଖୋଲା ଛାଡ଼ି ପିନ୍ଧିପାରିବେ।

**ଗ୍ରାଫିକ ଶାର୍ଟ ସହ ରିପ୍‌ଡ ଡେନିମ୍ ଶର୍ଟସ୍:** ଷ୍ଟାଇଲିସ୍ ଲୁକ୍ ପାଇବା ପାଇଁ ଫୁଲ ଲେନ୍ଥ ରିପ୍‌ଡ ଜିନ୍ସ ବଦଳରେ ରିପ୍ଡ ଡେନିମ୍ ଶର୍ଟସ୍ ଟ୍ରାଏ କରିପାରିବେ। ତା'ସହ ଗ୍ରାଫିକ୍ ଶାର୍ଟ ପେୟାର କରନ୍ତୁ। ଯଦି ଚେନ୍ ଓ କ୍ୟାପ ଅଛି ତେବେ ତାକୁ ବି ପିନ୍ଧି ପାରିବେ। ଏହି ଲୁକ୍ ସହ ଧଳା ସ୍ନିକର୍ସ ଓ ଲମ୍ବା ସକ୍ସ କୁଲ୍ ଲୁକ୍ ଦେବ।

**କାର୍ଗୋ ପ୍ୟାଣ୍ଟ ସହ ଟି-ଶାର୍ଟ:** ଖରାଦିନେ ବୁଲିବାକୁ ଯିବାବେଳେ କମ୍ଫର୍ଟ ସହ ଷ୍ଟାଇଲିଶ ଲୁକ୍ ଚାହୁଁଥିଲେ କାର୍ଗୋ ପ୍ୟାଣ୍ଟ ଟ୍ରାଏ କରନ୍ତୁ। ଏହି ପ୍ୟାଣ୍ଟ ସହ ଓଭର ସାଇଜ୍ ଟି-ଶାର୍ଟ ଲୁକ୍‌କୁ ସ୍ମାର୍ଟ କରିବା ସହ ଆରାମଦାୟକ ଅନୁଭୂତି ଦେବ।

**ଶାର୍ଟ, ଚିନୋ ପ୍ୟାଣ୍ଟ ଓ ନେକ୍ ଟାଇ:** ସାଟିନ୍ ଶାର୍ଟ ସହ ଚିନୋ ପ୍ୟାଣ୍ଟ ଓ ଏକ ସୁନ୍ଦର ନେକ୍ ଟାଏ ଆପଣଙ୍କ ସମର୍ ଲୁକ୍‌କୁ ଆକର୍ଷକ କରାଇବ। ବୁଲିବାକୁ ଯାଉଥିଲେ ଏହି ଲୁକ୍ ଆପଣେଇ ସମସ୍ତଙ୍କ ନଜରକୁ ଆସିବେ।



**ପ୍ରିଣ୍ଟେଡ ଶର୍ଟସ୍ ସହ ସଲିଡ ଶାର୍ଟ:** ବିଚ୍ ପାର୍ଟିର ପ୍ଲାନ୍ ଅଛି କି? ତେବେ କଟନ୍ ଶାର୍ଟ ସହ ପ୍ରିଣ୍ଟେଡ ଶର୍ଟସ୍ ପିନ୍ଧନ୍ତୁ। ଏହାଠୁ ସୁନ୍ଦର କମ୍ବିନେଶନ୍ ଆଉ କିଛି ନାହିଁ।



# ଖରାରେ ବି ବଜାୟ ରହିବ ସୌନ୍ଦର୍ଯ୍ୟ

ଗ୍ରୀଷ୍ମର ପ୍ରଖର ଶେଷ ଓ ଗୁଳୁଗୁଳି କାରଣରୁ ତ୍ୱଚାର ପ୍ରାକୃତିକ ଚମକ କମିଯିବା ସହ ଅନେକ ସମସ୍ୟା ଦେଖାଦିଏ। ବିଶେଷ କରି କାମ ପାଇଁ ବାହାରକୁ ଯାଉଥିବା ନାରୀମାନଙ୍କ ପାଇଁ ଖରାଦିନେ ନିଜର ଯତ୍ନ ନେବା ଏକ ବଡ଼ ଆହ୍ୱାନ। ତେବେ କିଛି ସହଜ ଉପାୟ ଆପଣାଇ ଆପଣ ଏହି ଋତୁରେ ମଧ୍ୟ ନିଜକୁ ସତେଜ ରଖିପାରିବେ।

**ତ୍ୱଚା ଓ କେଶର ସୁରକ୍ଷା:** ଖରାଦିନେ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମି ତ୍ୱଚାକୁ ଅଧିକ କ୍ଷତି ପହଞ୍ଚାଇଥାଏ। ତେଣୁ ବାହାରକୁ ବାହାରିବା ପୂର୍ବରୁ ସବୁବେଳେ ସନସ୍କ୍ରିନ୍ ବ୍ୟବହାର କରନ୍ତୁ ଏବଂ ମୁହଁକୁ ଓଢ଼ଣୀ ବା ସ୍କାର୍ଫରେ ଢାଙ୍କି ରଖନ୍ତୁ। ଖରା ଓ ଧୂଳି ଯୋଗୁଁ କେଶ ରୁକ୍ଷ ହୋଇଯାଉଥିବାରୁ ସପ୍ତାହକୁ ଅତିକମରେ ଦୁଇଥର ହାଲୁକା ସାମ୍ପୁରେ କେଶ ସଫା କରନ୍ତୁ। ଶରୀରକୁ ଥଣ୍ଡା ରଖିବା ପାଇଁ ସିନ୍ଥେଟିକ୍ ବଦଳରେ ହାଲୁକା ରଙ୍ଗର ସୁତି କପଡ଼ା ପିନ୍ଧିବା ସବୁଠୁ ଭଲ।

**ଖାଦ୍ୟପେୟ ଓ ଜଳୀୟ ଅଂଶ:** ସୌନ୍ଦର୍ଯ୍ୟ କେବଳ ବାହାରୁ ନୁହେଁ, ଭିତରୁ ମଧ୍ୟ ଆସିଥାଏ। ଖରାଦିନେ ଶରୀରରୁ ପ୍ରଚୁର ଜଳୀୟ ଅଂଶ ବାହାରି ଯାଉଥିବାରୁ ଦିନକୁ ଅତିକମରେ ୩-୪ ଲିଟର ପାଣି ପିଅନ୍ତୁ। ଖାଦ୍ୟରେ ଦହି, ପଇଡ଼ ପାଣି, ତରଭୁଜ ଏବଂ ସବୁଜ ପନିପରିବା ଅଧିକ ପରିମାଣରେ ସାମିଲ କରନ୍ତୁ। ଅଧିକ ତେଲ ମସଲା ଯୁକ୍ତ ଖାଦ୍ୟରୁ ଦୂରେଇ ରହିଲେ ବ୍ରଣ ସମସ୍ୟା କମ୍ ହୋଇଥାଏ।


**ପ୍ରାକୃତିକ ପ୍ରତିକାର:** ତ୍ୱଚାକୁ ତୁରନ୍ତ ଆରାମ ଦେବା ପାଇଁ ଘରୋଇ ଉପଚାର ବେଶ୍ ଲାଭଦାୟକ। ଚନ୍ଦନ ଓ ଗୋଲାପ ଜଳର ମିଶ୍ରଣ ଲଗାଇଲେ ତ୍ୱଚା ଥଣ୍ଡା ରହିବା ସହ ଚମକ ବୃଦ୍ଧି ପାଏ। ସେହିପରି ମୁହଁରୁ ମଇଳା ସଫା କରିବା ପାଇଁ ବେସନ ଓ ଦହିର ପ୍ୟାକ୍ ବ୍ୟବହାର କରାଯାଇପାରିବ। ରାତିରେ ଶୋଇବା ପୂର୍ବରୁ ଆଲୋଭେରା ଜେଲ୍ ଲଗାଇଲେ ତ୍ୱଚା କୋମଳ ରହେ ଏବଂ ଟ୍ୟାନିଂ ଦୂର ହୁଏ।

# କ୍ୟାଣ୍ଡେଲ୍ ସ୍ପା

ଆଜିକାଲିର ଦୌଡ଼କୁଦ ଜୀବନରେ ନିଜକୁ ଟିକେ ସମୟ ଦେବା ଏବଂ ମାନସିକ ଶାନ୍ତି ପାଇବା ପାଇଁ 'କ୍ୟାଣ୍ଡେଲ ସ୍ପା' ଏକ ଆଧୁନିକ ତଥା ଚମତ୍କାର ମାଧ୍ୟମ। ଏହା କେବଳ ସୌନ୍ଦର୍ଯ୍ୟ ବୃଦ୍ଧି କରେ ନାହିଁ, ବରଂ ଶରୀର ଓ ମନକୁ ସମ୍ପୂର୍ଣ୍ଣ ରୂପେ ସତେଜ କରିଦିଏ।

ସୌନ୍ଦର୍ଯ୍ୟ ଓ ମସାଜ୍‌ର ନିଆରା ସମନ୍ୱୟ: କ୍ୟାଣ୍ଡେଲ ସ୍ପାରେ ସାଧାରଣ ମହମବତୀ ବଦଳରେ ସ୍ୱତନ୍ତ୍ର 'ମସାଜ୍ କ୍ୟାଣ୍ଡେଲ' ବ୍ୟବହାର କରାଯାଏ। ଏହି ମହମବତୀଗୁଡ଼ିକ ସୋୟା ବିନ୍ସ, ମହୁମାଛି ମହମ ଏବଂ ବିଭିନ୍ନ ପ୍ରକାରର ସୁଗନ୍ଧିତ ତେଲରୁ ପ୍ରସ୍ତୁତ। ମହମବତୀଟି ଜଳିବା ପରେ ଯେଉଁ ଉଷୁମ ତେଲ ବାହାରେ, ସେଥିରେ ଶରୀରକୁ ମସାଜ୍ କରାଯାଏ। ଏହି ତେଲରେ ଥିବା ଭିଟାମିନ୍-ଇ ଏବଂ ସିଆ ବଟର ତ୍ୱଚାକୁ ଭିତରୁ ପୋଷଣ ଦେଇ କୋମଳ ଓ ଉଜ୍ଜ୍ୱଳ କରିଥାଏ।

ମାନସିକ ଚାପରୁ ମୁକ୍ତି ଓ ଆରାମ: ଏହି ଥେରାପିର ସବୁଠୁ ବଡ଼ ଗୁଣ ହେଉଛି ଏହାର ସୁଗନ୍ଧ। ମହମବତୀର ମୃଦୁ ଆଲୋକ ଓ ସୁଗନ୍ଧିତ ବାସ୍ନା ମସ୍ତିଷ୍କକୁ ଶାନ୍ତ ରଖିବାରେ ସାହାଯ୍ୟ କରେ। ଏହା ଦ୍ୱାରା ଦିନସାରାର ଥକ୍କାପଣ ଓ ଚିନ୍ତା ଦୂର ହୋଇଥାଏ। ଯେଉଁମାନଙ୍କର ନିଦ ନ ଆସିବା ସମସ୍ୟା ଥାଏ, ସେମାନଙ୍କ ପାଇଁ କ୍ୟାଣ୍ଡେଲ ସ୍ପା ଖୁବ୍ ଉପକାରୀ। ଏହା ଶରୀରର ମାଂସପେଶୀକୁ ଆରାମ ଦେଇ ଗଭୀର ନିଦ୍ରାରେ ସାହାଯ୍ୟ କରେ। ଅଳ୍ପ ଖର୍ଚ୍ଚରେ ନିଜକୁ ରିଲାକ୍ସ କରିବା ପାଇଁ ଏହା ଏକ ପ୍ରକୃଷ୍ଟ ମାଧ୍ୟମ।



# ଝାଳ

**ଝାଳ ବାହାରିବା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା, ଯାହା ଶରୀରର ତାପମାତ୍ରା ନିୟନ୍ତ୍ରଣ କରିବା ସହ ଆମକୁ ସୁସ୍ଥ ରଖିଥାଏ । ତେବେ ଏହା ଆମେ ଜାଣିବା ଦରକାର ଯେ, ଆମ ଶରୀରରୁ କେତେ ଝାଳ ବାହାରିବା ଉଚିତ । ଝାଳ ହେଉଛି ଗ୍ରନ୍ଥିରୁ ନିର୍ଗତ ଏକ ଲୁଣଯୁକ୍ତ ତରଳ ପଦାର୍ଥ, ଯାହା ଚର୍ମରୁ ବାଷ୍ପୀଭୂତ ହୋଇ ଶରୀରକୁ ଥଣ୍ଡା କରିଥାଏ । ଉତ୍ପାଦିତ ଝାଳର ପରିମାଣ ଶାରୀରିକ କାର୍ଯ୍ୟକଳାପ, ପାଣିପାଗ, ଉଚ୍ଚଚାପ ଓ ମେଦ ବହୁଳତା ଉପରେ ନିର୍ଭର କରିଥାଏ ।**

ଯେତେବେଳେ ଶରୀର ଭିତରେ କିମ୍ବା ବାହାରେ ତାପମାତ୍ରା ବୃଦ୍ଧି ପାଏ, ସ୍ୱୟଂଚାଳିତ ସ୍ନାୟୁ ପ୍ରଣାଳୀ ଝାଳଗ୍ରନ୍ଥିକୁ ସକ୍ରିୟ କରିଥାଏ । ଏହି ଗ୍ରନ୍ଥିଗୁଡ଼ିକ ଚର୍ମ ମାଧ୍ୟମରେ ତରଳ ପଦାର୍ଥ ମୁକ୍ତ କରନ୍ତି । ଯେତେବେଳେ ଏହି ତରଳ ପଦାର୍ଥ ବାଷ୍ପୀଭୂତ ହୁଏ, ସେତେବେଳେ ଶରୀର ଥଣ୍ଡାହେବା ଆରମ୍ଭ କରେ । ନ୍ୟାସନାଲ୍ ଲାଇବ୍ରେରି ଅଫ୍ ମେଡିସିନ୍‌ରେ ପ୍ରକାଶିତ ଏକ ଗବେଷଣାଭିତ୍ତିକ ତଥ୍ୟ ଅନୁଯାୟୀ, ଉତ୍ପାଦିତ ଝାଳର ପରିମାଣ ବିଭିନ୍ନ ବ୍ୟକ୍ତିଙ୍କ ପାଇଁ ଭିନ୍ନ ଭିନ୍ନ ହୋଇଥାଏ । ସମସ୍ତଙ୍କର ସମାନ ପରିମାଣର ଝାଳ ନିର୍ଗତ ହୋଇ ନ ଥାଏ । ଶାରୀରିକ ଅବସ୍ଥା ଉପରେ ନିର୍ଭର କରି ମଧ୍ୟ ଝାଳର ପରିମାଣ ଭିନ୍ନ ଭିନ୍ନ ହୋଇଥାଏ । ବିଶେଷକରି ଖେଳାଳିମାନଙ୍କ କ୍ଷେତ୍ରରେ ବ୍ୟାୟାମର ତୀବ୍ରତା, ପାଣିପାଗ ଓ ପରିଶ୍ରମ ସମୟରେ ଝାଳର ପରିମାଣ ଯଥେଷ୍ଟ ଅଧିକ ହୋଇଥାଏ । ଏହି କାରଣରୁ ଜଳୀୟ ଅଂଶ ଓ ଉପଯୁକ୍ତ ତରଳ ପଦାର୍ଥ ଗ୍ରହଣ ଜରୁରି ବୋଲି ବିବେଚନା କରାଯାଏ ।

ଝାଳ ଏକ ପ୍ରତିଶତ ଲୁଣ ଓ ଚର୍ବିରେ ଗଠିତ । ଗରମ ପାଗ କିମ୍ବା ଶାରୀରିକ ଶ୍ରମ ସମୟରେ ଶରୀରକୁ ଥଣ୍ଡା କରିବା ପାଇଁ ଏହି ପ୍ରକ୍ରିୟା ଅବଶ୍ୟକ ହୋଇଥାଏ । ଚିନ୍ତାଜନିତ ମାନସିକ ଚାପ କିମ୍ବା ବିଚଳିତବୋଧ ଭଳି ଭାବନା ମଧ୍ୟ ଝାଳ ବୃଦ୍ଧି କରିପାରେ । ସାଧାରଣ ପରିସ୍ଥିତିରେ ଜଣେ ସୁସ୍ଥ ବୟସ୍କ ବ୍ୟକ୍ତିଙ୍କ ଶରୀରରୁ ଦିନକୁ ପ୍ରାୟ ୦.୫ରୁ ୨ ଲିଟର ଝାଳ ବାହାରିଥାଏ । ଗରମ ଓ ଆର୍ଦ୍ର ପାଗରେ ଶାରୀରିକ ପରିଶ୍ରମ ବା ବ୍ୟାୟାମ ସମୟରେ ମାନସିକ ଚାପ, ମସଲାଯୁକ୍ତ ଖାଦ୍ୟ, କ୍ୟାଫିନ୍ ଓ ମଦ୍ୟପାନ ସମୟରେ ବା ମହିଳାଙ୍କ ଋତୁସ୍ରାବ ସମୟରେ ହରମୋନ୍ ପରିବର୍ତ୍ତନ ଯୋଗୁଁ ଝାଳର ପରିମାଣ ବଢ଼ିଥାଏ । ମେଟାବୋଲିଜିମ୍, ଫିଟନେସ୍ ସ୍ତର ଓ ଜେନେଟିକ୍ କାରଣଗୁଡ଼ିକ ମଧ୍ୟ ଝାଳକୁ ପ୍ରଭାବିତ କରନ୍ତି ।

ଅତ୍ୟଧିକ ଝାଳ ବୋହିବାକୁ ହାଇପର୍‌ହାଇଡ୍ରୋସିସ୍ କୁହାଯାଏ । ଏହି ଅବସ୍ଥାରେ ଶରୀରକୁ ଥଣ୍ଡା ରଖିବା ପାଇଁ ଆବଶ୍ୟକତାରୁ ଅଧିକ ଝାଳ ବାହାରିଥାଏ । ଫଳରେ ପାପୁଲି ଓ ପାଦ ଝାଳୁଆ ହେବା, କାଖରେ ଅଧିକ ଝାଳ ବାହାରିବା ପରି ସମସ୍ୟା ଦେଖାଯାଇଥାଏ । ହାଇପର୍‌ହାଇଡ୍ରୋସିସ୍ ମୁଖ୍ୟତଃ ଦୁଇ ପ୍ରକାରର । ପ୍ରାଥମିକ ହାଇପର୍‌ହାଇଡ୍ରୋସିସ୍ ଅତ୍ୟଧିକ ସକ୍ରିୟ ଝାଳଗ୍ରନ୍ଥି ଯୋଗୁଁ ହୁଏ । ସେହିପରି ଦ୍ୱିତୀୟ ହାଇପର୍‌ହାଇଡ୍ରୋସିସ୍ ମଧୁମେହ, ଥାଇରଏଡ୍ ସମସ୍ୟା, ସଂକ୍ରମଣ, ଋତୁସ୍ରାବ କିମ୍ବା କୌଣସି ଔଷଧ ଯୋଗୁଁ ହୋଇଥାଏ । ତେଣୁ ଅତ୍ୟଧିକ ଝାଳ ଶରୀର ପାଇଁ ସମସ୍ୟା ସୃଷ୍ଟି କରିପାରେ । ଏଭଳି ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରି ।

# ଖରାଦିନେ ପ୍ରତିଦିନ ପିଅନ୍ତୁ ପୋଦିନା ପାଣି

ଦିନକୁ ଦିନ ତାତି ବଢ଼ିବାରେ ଲାଗିଛି । ଏହା ସହିତ ଆମେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛେ । ଅଂଶୁଘାତ, ଡିହାଇଡ୍ରେସନ ଓ ମୁଣ୍ଡ ବ୍ୟଥା ପରି ରୋଗରେ ଆମେ ଶିକାର ହେଉଛେ । ଖରା ଦିନେ କେବଳ ପାଣି ପିଇବା ଯଥେଷ୍ଟ ନୁହେଁ । ଏହି ଋତୁରେ ବିଭିନ୍ନ ଜଳୀୟ ଅଂଶ ଥିବା ଖାଦ୍ୟ ପଦାର୍ଥ ଖାଇବା ଉଚିତ । ଏହି ଦିନରେ ପୋଦିନା ପାଣି ପିଇବା ଦ୍ୱାରା ଗରମରୁ ଆମକୁ ଆରାମ ମିଳିବା ସହ ବିଭିନ୍ନ ରୋଗରୁ ଦୂରେଇ ରଖିଥାଏ ।

ଗରମରୁ ଥଣ୍ଡା ରଖେ: ଖରାଦିନେ ପୋଦିନା ପାଣି ପିଇବା ଦ୍ୱାରା ଆମ ଶରୀରକୁ ଆରାମ ମିଳିଥାଏ । ଏହା ସହ ତାପମାତ୍ରା ଠାରୁ ଆମକୁ ରକ୍ଷା ମିଳିଥାଏ । ଏହି ପାଣି ପିଇବା ଦ୍ୱାରା ହାଲିଆ ଲାଗିନଥାଏ ।

ହଜମ ସମସ୍ୟା ଦୂର ହୁଏ: ସାଧାରଣତଃ ଖରାଦିନେ ଖାଦ୍ୟ ହଜମ ହୋଇଥାଏ । ତେଣୁ ଏହି ଦିନରେ ପୋଦିନା ଯୁକ୍ତ ପାଣି ପିଇବା ଦ୍ୱାରା ଏଥିରୁ ଆରାମ ମିଳିଥାଏ । କାରଣ ଏଥିରେ ଆଣ୍ଟି ଅକ୍ସିଡେଣ୍ଟ ରହିଛି । ଯାହାକି ପାଚନ କ୍ରିୟା ସୁସ୍ଥ ରଖିଥାଏ ।

ମୁଣ୍ଡ ବ୍ୟଥାରୁ ରକ୍ଷା କରେ: ତାପମାତ୍ରା ବଢ଼ିବା ଦ୍ୱାରା ମୁଣ୍ଡବ୍ୟଥା ମଧ୍ୟ ହୋଇଥାଏ । ପୋଦିନା ଶରୀର ତାପମାତ୍ରାକୁ କମ କରି ମୁଣ୍ଡ ବ୍ୟଥାରୁ ରକ୍ଷା କରିଥାଏ । ପୋଦିନା ଥିବା ସୁଦିଙ୍ଗ ପ୍ରୋପର୍ଟିଜ ମୁଣ୍ଡ ବ୍ୟଥାରୁ ରକ୍ଷା କରିଥାଏ ।

ଆଲର୍ଜିରୁ ଉପଶମ ମିଳେ: ପୋଦିନା ପାଣିରେ ଥିବା ଆଣ୍ଟି ଇନ୍ଫ୍ଲେମେଟାରୀ ଓ ଆଣ୍ଟି ମାଇକ୍ରୋବିୟଲ ଗୁଣ ଆଲର୍ଜି କମ୍ କରିବାରେ ସହାୟକ ହୋଇଥାଏ ।

ସଂକ୍ରମଣ ରୋଗରୁ ରକ୍ଷା କରିଥାଏ: ପ୍ରତିଦିନ ପୋଦିନା ପାଣି ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ତେଣୁ ଖରାଦିନେ ଏହି ପାଣି ପିଇବା ଦ୍ୱାରା ଶରୀର ପାଇଁ ଲାଭକାରୀ ହୋଇଥାଏ । ଏହା ସହ ପାଟିରେ ଥିବା ବ୍ୟାକ୍ଟେରିଆ ନଷ୍ଟ ମଧ୍ୟ କରିଥାଏ ।

# ଓଜନ ନିୟନ୍ତ୍ରଣ ରଖିବାର ଉପାୟ

■ ରସୁଣରେ ପ୍ରଚୁର ପରିମାଣରେ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ତାହା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ସକାଳୁ ଖାଲିପେଟରେ ରସୁଣ ୨ ପାଖୁଡ଼ା ଖାଇ ଅଧ କପ ଉଷୁମ ପାଣି ପିଇବାର ଅଭ୍ୟାସ ୧ ମାସ କଲେ ଲାଭ ଜାଣିପାରିବେ । ଓଜନ କମ୍ ହେବା ସହ ଆପଣଙ୍କ ପେଟର ଚର୍ବି ମଧ୍ୟ କମି ଯିବ ।

■ ଭାରତୀୟ ବ୍ୟଞ୍ଜନରେ ଡାଲଚିନିକୁ ଗରମ ମସଲା ଭାବେ ଉପଯୋଗ କରାଯାଏ । ଡାଲଚିନି ଗୁଣ୍ଡ ୧ ଚାମଚ ଅଧ କପ ପାଣିରେ ମିଶାଇ ରଖନ୍ତୁ । ୧୦ ମିନିଟ ପରେ ଏହି ପାଣିକୁ ଛାଣି ସେଥିରେ ଅଳ୍ପ ମହୁ ମିଶଶଇ ପିଇବେ । ଦୈନିକ ଏହି ପାନୀୟ ପିଇଲେ ଓଜନ ବଢୁନଥିବାର ବିଶେଷଜ୍ଞଙ୍କ ମତ ।

■ ସପ୍ତାହରେ ୨-୩ ଦିନ ବିନ୍ସ ପରିବା ଭଜା ଖାଇବା ମଧ୍ୟ ହିତକାରୀ । ଏହି ପରିବା ଆମ ମାଂସପେଶୀକୁ ଶକ୍ତି ଯୋଗାଇବା ସହ ଓଜନ ନିୟନ୍ତ୍ରଣରେ ମଧ୍ୟ ସହାୟକ ହୁଏ । ବିନ୍ସ ବ୍ୟଞ୍ଜନ ଖାଇଲେ ଅନେକ ସମୟ ପର୍ଯ୍ୟନ୍ତ ଭୋକ ଲାଗେ ନାହିଁ । ଦ୍ୱିପହର ଭୋଜନରେ ଏହା ଖାଇବା ଅଧିକ ଉପଯୋଗୀ ।

■ ଫୁଲକୋବି ସୁଆଦିଆ ଲାଗିବ ସହ ଏଥିରେ ଥିବା ପୋଷକତତ୍ତ୍ୱ ଶରୀରର ଓଜନକୁ ବଢ଼ାଇ ଦିଏ ନାହିଁ ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି ।

■ ଭୋକ ଲାଗୁଥିଲେ ଆପଣ କଦଳୀ, ସେଓ ପରି ଫଳ ଖାଇବା ସହ ଡ୍ରାଏ ଫ୍ରୁଟସ ଖଜୁରୀ, ପେସ୍ତାବାଦାମ ଇତ୍ୟାଦି ଖାଇପାରିବେ ।



# ବିନା ବିଶ୍ରାମରେ ୧୩,୫୬୦ କିଲୋମିଟର ଉଡ଼ିଲା ପକ୍ଷୀ

ଆପଣ ବୋଧହୁଏ ଦୂରଗାମୀ ବିମାନ ଯାତ୍ରା ବିଷୟରେ ଅନେକ ଶୁଣିଥିବେ, କିନ୍ତୁ ଆଜି ଆମେ ଆପଣଙ୍କୁ ଏମିତି ଏକ ପକ୍ଷୀ ବିଷୟରେ କହିବୁ ଯାହା କୌଣସି 'ସୁପରମ୍ୟାନ୍'ଠାରୁ କମ୍ ନୁହେଁ । ମାତ୍ର ୪ ମାସର ଏକ କୁନି ପକ୍ଷୀ 'ବି୬', ଯିଏ କୌଣସି ସ୍ଥାନରେ ନଅଟକି ସମୁଦ୍ର ଉପରେ ୧୩,୦୦୦ କିଲୋମିଟରରୁ ଅଧିକ ପଥ ଅତିକ୍ରମ କରି ବୈଜ୍ଞାନିକମାନଙ୍କୁ ଚକିତ କରିଦେଇଛି । 'ବାର୍-ଟେଲଡ୍ ଗଡ୍‌ୱିଟ୍' ନାମକ ଏହି ବିରଳ ପକ୍ଷୀଟି ୨୦୨୨ ମସିହାରେ ଆଲାସ୍କାରୁ ନିଜର ଉଡ଼ାଣ ଆରମ୍ଭ କରି କ୍ରମାଗତ ୧୧ ଦିନ ଧରି ଆକାଶରେ ରହିବା ପରେ ତାସମାନିଆରେ ପହଞ୍ଚିଥିଲା । ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଦୀର୍ଘ ଯାତ୍ରା ପାଇଁ ପକ୍ଷୀଟି ନିଜ ଶରୀରରେ କିଛି ଅଦ୍ଭୁତ ପରିବର୍ତ୍ତନ କରିଥାଏ । ଉଡ଼ାଣ ପୂର୍ବରୁ ଏହା ନିଜର ପାକସ୍ଥଳୀ ଓ ଅନ୍ତ୍ର ଭଳି ହଜମ ପ୍ରକ୍ରିୟାର ଅଙ୍ଗଗୁଡ଼ିକୁ ଛୋଟ କରିଦିଏ, ଯାହାଫଳରେ ଏହାର ଓଜନ କମିଯାଏ ଏବଂ ଶକ୍ତି ସଞ୍ଚୟ ହୁଏ । ଯାତ୍ରା ଆରମ୍ଭର କିଛି ସପ୍ତାହ ପୂର୍ବରୁ ଏହା ପ୍ରଚୁର ଖାଦ୍ୟ ଖାଇ ନିଜ ଶରୀରରେ ଚର୍ବି ଜମା କରେ, ଯାହା ଉଡ଼ାଣ ସମୟରେ 'ଜୈବିକ ଇନ୍ଧନ' ଭଳି କାମ କରେ । ପ୍ରାୟ ୨୦,୦୦୦ ଫୁଟ୍ ଉଚ୍ଚତାରେ ଉଡ଼ିବା ଦ୍ୱାରା ଥଣ୍ଡା ପବନ ଏହାର ଶରୀରକୁ ଗରମ ହେବାରୁ ରକ୍ଷା କରିଥାଏ । ଖାଲି ସେତିକି ନୁହେଁ, ପ୍ରଶାନ୍ତ ମହାସାଗର ଉପରେ ହଜାର ହଜାର କିଲୋମିଟର ପଥ ଅତିକ୍ରମ କରିବା ପାଇଁ ଏହି ପକ୍ଷୀମାନେ ସୂର୍ଯ୍ୟ, ତାରା ଏବଂ ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ବ୍ୟବହାର କରନ୍ତି । ଏମାନଙ୍କ ମଧ୍ୟରେ ଏକ ଜୈବିକ କମ୍ପାସ୍ ରହିଥାଏ, ଯାହା ସେମାନଙ୍କୁ କେବେ ବି ବାଟ ହୁଡ଼ିବାକୁ ଦିଏନାହିଁ । ଗଡ୍‌ୱିଟ୍ ଭଳି ଅମୁର ଫାଲକନ୍ ମଧ୍ୟ ପ୍ରତିବର୍ଷ ଭାରତ ଦେଇ ଏମିତି ହଜାର ହଜାର କିଲୋମିଟର ଯାତ୍ରା କରନ୍ତି । ପ୍ରକୃତିର ଏହି ଅଦ୍ଭୁତ କ୍ଷମତା ଆଜି ବି ଆଧୁନିକ ବିଜ୍ଞାନ ପାଇଁ ଏକ ବଡ଼ ରହସ୍ୟ ହୋଇ ରହିଛି ।

# ଦାଚିଗାମ ଜାତୀୟ ଉଦ୍ୟାନ

**ଜମ୍ମୁ ଓ କଶ୍ମୀରର ଶ୍ରୀନଗର ଜିଲ୍ଲା ଅନ୍ତର୍ଗତ ଏକ ମୁଖ୍ୟ ପର୍ଯ୍ୟଟନ କ୍ଷେତ୍ର ଭାବେ ଦାଚିଗାମ ଜାତୀୟ ଉଦ୍ୟାନ ବେଶ୍ ପ୍ରସିଦ୍ଧ । ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ସାଙ୍ଗକୁ ବହୁ ବିରଳ ପଶୁପକ୍ଷୀଙ୍କୁ ଦେଖିବାର ସୁଯୋଗ ଏଠି ରହିଛି...**



ଦାଚିଗାମ ଜାତୀୟ ଉଦ୍ୟାନ; ଯାହାକି ଜମ୍ମୁ ଓ କଶ୍ମୀରର ଶ୍ରୀନଗର ଜିଲ୍ଲାରେ ଅବସ୍ଥିତ ଏକ ଲୋକପ୍ରିୟ ପର୍ଯ୍ୟଟନ କ୍ଷେତ୍ର । ପ୍ରାୟ ୧୪୧ ବର୍ଗ କି.ମି ପରିବ୍ୟାପ୍ତ ଅଞ୍ଚଳରେ ଗଢି ଉଠିଥିବା ଏହି ଅଭୟାରଣ୍ୟରେ ଦୁର୍ଲ୍ଲଭ କଶ୍ମୀର ହରିଣ ସାଙ୍ଗକୁ ହିମାଳୟ କଳା ଭାଲୁ ତଥା ବିଭିନ୍ନ ବନସ୍ପତି ବୃକ୍ଷ ଦେଖିବାର ସୁଯୋଗ ରହିଛି । ଅପୂର୍ବ ପ୍ରାକୃତିକ ଶୋଭାରେ ଭରା ଏହି ସ୍ଥାନର ଶାନ୍ତ ବାତାବରଣରେ କିଛି ସମୟ ବିତାଇବା ପାଇଁ ପ୍ରାୟତଃ ପର୍ଯ୍ୟଟକଙ୍କର ଏଠି ଭିଡ଼ ଜମିଥାଏ ।

**ଇତିହାସ**

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ ଯେ, ୧୯୧୦ ମସିହା ପର୍ଯ୍ୟନ୍ତ ଏହି କ୍ଷେତ୍ରଟି ଜମ୍ମୁ ଓ କଶ୍ମୀର ମହାରାଜାଙ୍କ ଅଧୀନରେ ରହିଥିଲା । ରାଜା ଏଠାରେ ପ୍ରାଣୀ ଶିକାର କରୁଥିଲେ । କିନ୍ତୁ ପରେ ଏହା ସ୍ଥାନୀୟ ସରକାରଙ୍କ ଅଧୀନକୁ ଚାଲିଯିବା ପରେ ଏଠାରେ ବିଭିନ୍ନ ଉନ୍ନତିମୂଳକ କାମ କରାଯାଇଥିଲା । ଆଉ ଶେଷରେ ୧୯୮୧ ମସିହାରେ ଏହି ଉଦ୍ୟାନକୁ ଜାତୀୟ ଉଦ୍ୟାନର ମାନ୍ୟତା ମିଳିଥିଲା ।

**ମୁଖ୍ୟ ଆକର୍ଷଣ**

* ଏହି ଅଭୟାରଣ୍ୟଟି ମୁଖ୍ୟତଃ କଶ୍ମୀର ହରୀଣ ପାଇଁ ପ୍ରସିଦ୍ଧ; ଯାହାକୁ ହଙ୍ଗୁଲ ବୋଲି କୁହାଯାଇଥାଏ । ସେମାନଙ୍କ ସୁରକ୍ଷା ଓ ବଂଶ ବିସ୍ତାର ପାଇଁ ଏଠି ବିଶେଷ ଧ୍ୟାନ ଦିଆଯାଇଥାଏ ।

* କଶ୍ମୀର ହରିଣଙ୍କ ବ୍ୟତିତ ପର୍ଯ୍ୟଟକ ଏଠି ହିମାଳୟ କଳା ଭାଲୁ, ହିମାଳୟ ମାଟିଆ ଭାଲୁ, ଜଙ୍ଗଲୀ ବିଲେଇ, ପାହାଡ଼ି ବିଲୁଆ, ବରଫାଞ୍ଚଳରେ ଦେଖାଯାଉଥିବା ଚିତାବାଘ ଇତ୍ୟାଦି ବିରଳ ପ୍ରାଣୀଙ୍କୁ ଦେଖିବାର ସୁଯୋଗ ପାଇପାରିବେ ।

* ସେହିପରି ଜାତିଜାତିକା ପକ୍ଷୀଙ୍କୁ ମଧ୍ୟ ଏଠି ଦେଖିପାରିବେ । ବିଶେଷକରି ପକ୍ଷୀପ୍ରେମୀଙ୍କ ପାଇଁ ଏହି ସ୍ଥାନଟି କୌଣସି ସ୍ୱର୍ଗଠାରୁ କମ୍ ନୁହେଁ ।

* ଏହି ଜାତୀୟ ଉଦ୍ୟାନରେ ଓକ୍, ଦେବଦାରୁ ବୃକ୍ଷ ସମେତ ପର୍ଯ୍ୟଟକ ନାନାଦି ବନସ୍ପତି ବୃକ୍ଷ ଦେଖିବାର ତଥା ସେ ସମ୍ପର୍କିତ ଜ୍ଞାନ ଆହରଣ କରିବାର ସୁଯୋଗ ମଧ୍ୟ ପାଇପାରିବେ ।

* ତେବେ ଏହି ଜାତୀୟ ଉଦ୍ୟାନକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଗୋଟିଏ ହେଉଛି ତଳ ଦାଚିଗାମ ଏବଂ ଅନ୍ୟଟି ହେଉଛି ଉପର ଦାଚିଗାମ । ତଳ ଦାଚିଗାମ କ୍ଷେତ୍ରକୁ ବୁଲିବା ପର୍ଯ୍ୟଟକଙ୍କ ପକ୍ଷେ ଖୁବ୍ ସହଜ ଓ ସୁଲଭ ହୋଇଥାଏ । କିନ୍ତୁ ଉପର ଦାଚିଗାମକୁ ଯିବାକୁ ହେଲେ ପର୍ଯ୍ୟଟକଙ୍କୁ ଟ୍ରେନିଂ କରି ଯିବାକୁ ପଡ଼ିଥାଏ; ଯାହା ଖୁବ୍ ରୋଚକପୂର୍ଣ୍ଣ ହୋଇଥାଏ ।

* ଏଥିସହିତ ଦାଚିଗାମ କେବଳ ଏକ ବନ୍ୟଜୀବ ଅଭୟାରଣ୍ୟ ନୁହେଁ, ଏହି କ୍ଷେତ୍ରଟି ଜଳ ସଂରକ୍ଷଣ ବାବଦରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । କାରଣ ଏହି ଅଭୟାରଣ୍ୟ ମଧ୍ୟରେ ପ୍ରାକୃତିକ ଜଳଉତ୍ସ ରହିଛି; ଯାହାର ପାଣି ଖୁବ୍ ସ୍ୱଚ୍ଛ । ସ୍ଥାନୀୟ ଲୋକେ ଏହାକୁ ପାନୀୟ ଜଳ ଭାବେ ବି ବ୍ୟବହାର କରିଥାନ୍ତି । କେବଳ ସେତିକି ନୁହେଁ, ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପ୍ରଜାପତି ବି ଏଠାରେ ଦେଖାଯାଇଥାନ୍ତି ଓ ତା'ଛଡ଼ା ବିଭିନ୍ନ କିସମର ଔଷଧୀୟ ଗଛ ବି ଏହି ଅଭୟାରଣ୍ୟରେ ରହିଛି; ଯାହାକୁ ପର୍ଯ୍ୟଟକ ବୁଲି ଦେଖିପାରିବେ । ଏସବୁ ବ୍ୟତିତ ଏହି ଅଭୟାରଣ୍ୟରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କିସମର ଜଙ୍ଗଲୀ ଫୁଲ ଫୁଟୁଥିବାର ବି ପର୍ଯ୍ୟଟକ ଦେଖିବାକୁ ପାଇପାରିବେ ।

**ଫଟୋଗ୍ରାଫି ଓ ଟ୍ରେକିଂର ମଜା ନିଆରା**

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରା ଏହି ଜାତୀୟ ଉଦ୍ୟାନଟି ଉଭୟ ପ୍ରକୃତିପ୍ରେମୀ ତଥା ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ । ଜାତିଜାତିକା ପଶୁପକ୍ଷୀଙ୍କୁ ଦେଖିବା ସହ ଆଗନ୍ତୁକ ଏଠାରେ ଫଟୋଗ୍ରାଫିର ମଜା ମଧ୍ୟ ନେଇପାରିବେ । କେବଳ ସେତିକି ନୁହେଁ ଦୁଃସାହସିକ ଟ୍ରେନିଂ କରିବା ବି ପର୍ଯ୍ୟଟକଙ୍କୁ ଏଠାରେ ନିଆରା ଅନୁଭୂତି ଦେଇଥାଏ ।





**କେବେ ଯିବେ**

ଦାଚିଗାମ ଜାତୀୟ ଉଦ୍ୟାନର ତଳ ଭାଗରେ ବୁଲିବା ପାଇଁ ମାର୍ଚ୍ଚରୁ ଜୁନ୍ ହେଉଛି ସବୁଠୁ ଭଲ ସମୟ । ସେହିପରି ବନ୍ୟ ପକ୍ଷୀମାନଙ୍କୁ ନିକଟରୁ ଦେଖିବା ପାଇଁ ସେପ୍ଟେମ୍ବରରୁ ଡିସେମ୍ବର ଭିତରେ ଏଠାକୁ ବୁଲିଯିବା ସବୁଠୁ ଉତ୍ତମ ହୋଇଥାଏ ବୋଲି ସୂଚନା ରହିଛି ।

**କେମିତି ଯିବେ**

ଶ୍ରୀନଗରରୁ ପ୍ରାୟ ୨୨ କି.ମି ଦୂରରେ ଥିବା ଏହି ଜାତୀୟ ଉଦ୍ୟାନକୁ ବୁଲି ଯିବା ପାଇଁ ଶ୍ରୀନଗର ଇଣ୍ଟରନ୍ୟାସନାଲ୍ ଏୟାରପୋର୍ଟ ହେଉଛି ଏକ ମୁଖ୍ୟ ବିମାନବନ୍ଦର ।



# ୧୫୦୦୦ ଫୁଟ ଉପରେ ହୋଟେଲ୍

ଦୁର୍ଗମ ସ୍ଥାନରେ ଥିବା ଅନେକ ହୋଟେଲ ବିଷୟରେ ଜାଣିଥିବେ । ତନ୍ମଧ୍ୟରେ ଗୋଟିଏ ହେଉଛି ୟୁରୋପର ସବୁଠାରୁ ଉଚ୍ଚସ୍ଥାନରେ ଥିବା ହୋଟେଲ 'ମାର୍ଗାରେଟ୍ ହଟ୍' ହୋଟେଲ । ଇଟାଲୀୟାନ ଆଲ୍ପସ୍‌ରେ ଥିବା ପୁଣ୍ଟା ଗ୍ନିଫେଟି ପର୍ବତର ଶିଖରରେ ପ୍ରାୟ ୧୫୦୦୦ ଫୁଟ ଉଚ୍ଚତାରେ ଏହା ଅବସ୍ଥିତ । ଏହି ହୋଟେଲକୁ କେବଳ ସେଇମାନେ ଯାଇପାରିବେ ଯେଉଁମାନେ ସାହସୀ ଓ ଯାହାଙ୍କର ଉଚ୍ଚତାକୁ ଭୟ ନ ଥାଏ । ପାଞ୍ଚ ଘଣ୍ଟାର ପାହାଡ଼ ଚଢ଼ା ସହ ଶିଖରରେ ପହଞ୍ଚିବା ପରେ ଯଦି କେହି ସୁସ୍ଥ ରହନ୍ତି ତେବେ ଯାଇ ଏହି ହୋଟେଲ ରହଣିର ମଜା ଉଠାଇହେବ । ଉକ୍ତ ହୋଟେଲର ନାମ ଇଟାଲୀ ରାଣୀ ମାର୍ଗାରେଟ୍ ଅଫ୍ ସଭୋୟଙ୍କ ନାମ ଅନୁସାରେ ନାମକରଣ କରାଯାଇଛି, ଯେକି ୧୮୯୩ରେ ଏଠାକୁ ଆସିଥିଲେ । ମାର୍ଗାରେଟ୍ ହଟ୍ ପର୍ଯ୍ୟନ୍ତ ପହଞ୍ଚିବା କୌଣସି ଛୋଟିଆ କଥା ନୁହେଁ । ଏହି ଯାତ୍ରା ସାଧାରଣତଃ ଅଲ୍ପାନା ଭାଲସେସିୟା ଅବା ଗ୍ରେସୋନୀରୁ ଆରମ୍ଭ ହୁଏ । ବରଫାବୃତ୍ତ ଏହି ପର୍ବତକୁ ଆରୋହଣ କରିବାବେଳେ ଅନେକ ବିପଦ ଆସେ । ପର୍ବତାରୋହୀ ଏହି ହୋଟେଲକୁ ପହଞ୍ଚିବା ପୂର୍ବରୁ ଏତେ ଉଚ୍ଚତାର ଜଳବାୟୁରେ କିଭଳି ଖାପଖୁଆଇ ରହିବେ, ସେଥିପାଇଁ ଏହାଠାରୁ କମ୍ ଉଚ୍ଚତାର ଏକ ସ୍ଥାନରେ ଗୋଟିଏ ରାତି ବିତାଇଥାନ୍ତି । ଏହାପରେ ଯାଇ ମାର୍ଗାରେଟ୍ ହଟ୍‌କୁ ଯାଆନ୍ତି । ମାର୍ଗାରେଟ୍ ହଟ୍‌ଟି ଛାତ୍ରାବାସ ଶୈଳୀରେ ନିର୍ମିତ । ଏଠାରେ ୭୦ଜଣ ଅତିଥି ରହିବା ବ୍ୟବସ୍ଥା ଅଛି । ମାର୍ଗାରେଟ୍ ହଟ୍ କେବଳ ଏକ ରହଣି ସ୍ଥଳ ନୁହେଁ, ବରଂ ଇତିହାସ ଓ ରୋମାଞ୍ଚରେ ଭରା ଏକ ସ୍ଥାନ । ମାର୍ଗାରେଟ ହଟ୍ ଏକ ସାଇନ୍ସ ରିସର୍ଚ୍ଚ ଷ୍ଟେସନ ଭାବେ ମଧ୍ୟ କାମ କରେ ।

# ଶିବଭକ୍ତ ଉପମନ୍ୟୁ

ଭଗବାନ ଶଙ୍କରଙ୍କ ପରମ ଭକ୍ତ ଭାବେ ଉପମନ୍ୟୁ ପ୍ରସିଦ୍ଧ । ତାଙ୍କ ହୃଦୟରେ ମହାଦେବଙ୍କ ପ୍ରତି ଥିଲା ଅତୁଟ ବିଶ୍ୱାସ । ସେ ସର୍ବଦା କହୁଥିଲେ ଯେ ଶିବ ହିଁ ତାଙ୍କର ସବୁକିଛି । ସେ ତାଙ୍କର ଆରାଧ୍ୟ, ଗତି ଓ ମୁକ୍ତିଦାତା । ସେ ଜୀବନରେ ଯାହା ପାଇଛନ୍ତି କିମ୍ବା ଭବିଷ୍ୟତରେ ଯାହା ପାଇବେ, ତାହା କେବଳ ଭୋଳାଶଙ୍କରଙ୍କ ଅଶେଷ କୃପାରୁ ହିଁ ସମ୍ଭବ ବୋଲି ସେ ଦୃଢ଼ ଭାବେ ବିଶ୍ୱାସ କରୁଥିଲେ ।

ଦିନେ ଦେବର୍ଷି ନାରଦ ଉପମନ୍ୟୁଙ୍କ ଭକ୍ତିକୁ ପରୀକ୍ଷା କରିବା ପାଇଁ ତାଙ୍କ ନିକଟରେ ପହଞ୍ଚିଲେ । ସେ କହିଲେ, 'ତୁମେ ଏହି ଶ୍ମଶାନବାସୀ, ବିଭୂତିଧାରୀ ଶିବଙ୍କ ପଛରେ କାହିଁକି ପଡ଼ିଛ ? ତାଙ୍କ ଅପେକ୍ଷା ଅନେକ ଶକ୍ତିଶାଳୀ ଦେବତା ଅଛନ୍ତି, ଯାହାଙ୍କୁ ଆରାଧନା କଲେ ତୁମେ ସ୍ୱର୍ଗରାଜ୍ୟର ସୁଖ ପାଇପାରନ୍ତ ।' ମାତ୍ର ଉପମନ୍ୟୁ ସ୍ପଷ୍ଟ ଭାବେ ଜଣାଇଦେଲେ ଯେ ଶିବଙ୍କ କୃପା ବଳରେ ସେ ଅନେକ ବଡ଼ ବଡ଼ ପ୍ରଲୋଭନକୁ ଜିତି ପାରିଛନ୍ତି ଏବଂ ଶିବଙ୍କ ବିନା ସେ ଅନ୍ୟ କୌଣସି ଦେବାଦେବୀଙ୍କୁ ଚାହିଁବେ ନାହିଁ କି କିଛି ମାଗିବେ ନାହିଁ ।

ନାରଦଙ୍କଠାରୁ ଏହି କଥା ଶୁଣି ଭଗବାନ ଶିବ ସ୍ୱୟଂ ଉପମନ୍ୟୁଙ୍କୁ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଲେ । ସେ ଦେବରାଜ ଇନ୍ଦ୍ରଙ୍କ ରୂପ ଧାରଣ କଲେ, ନିଜ ତ୍ରିଶୂଳକୁ ବଜ୍ର ଓ ବାହନ ନନ୍ଦୀଙ୍କୁ ଐରାବତ ହସ୍ତୀର ରୂପ ଦେଇ ଉପମନ୍ୟୁଙ୍କ ସମ୍ମୁଖରେ ପ୍ରକଟ ହେଲେ । ଉପମନ୍ୟୁ ଦେବରାଜଙ୍କ ଦର୍ଶନ ପାଇ ନିଜକୁ ଭାଗ୍ୟବାନ ମନେକଲେ ଏବଂ ସାଷ୍ଟାଙ୍ଗ ପ୍ରଣିପାତ କଲେ । ଛଦ୍ମବେଶୀ ଇନ୍ଦ୍ର ତାଙ୍କୁ କହିଲେ, 'ମୁଁ ତୁମ ଭଳି ପରମ ଭକ୍ତଙ୍କ ପ୍ରତି ଆକୃଷ୍ଟ ହୋଇ ସ୍ୱର୍ଗରୁ ଆସିଛି, ତୁମେ ଯାହା ଇଚ୍ଛା ବର ମାଗିପାର । ମୁଁ ତୁମର ମନୋସ୍କାମନା ଅବଶ୍ୟ ପୂର୍ଣ୍ଣ କରିବି ।' ଉପମନ୍ୟୁ ବିନମ୍ରତାର ସହ କହିଲେ ଯେ ସେ ନିଜକୁ ଶିବଙ୍କ ଚରଣରେ ସମ୍ପୂର୍ଣ୍ଣ ସମର୍ପି ଦେଇଛନ୍ତି ଏବଂ ତାଙ୍କର ଅନ୍ୟ କୌଣସି ବରର ଆବଶ୍ୟକତା ନାହିଁ । ଇନ୍ଦ୍ର ବାରମ୍ବାର ପ୍ରଲୋଭନ ଦେଖାଇ ଐରାବତ ହସ୍ତୀ ଓ ସ୍ୱର୍ଗର ସୁଖ ଯାଚନା କରିବା ପରେ ମଧ୍ୟ ଉପମନ୍ୟୁ ନିଜ ନିଷ୍ଠାରେ ଅଟଳ ରହିଲେ । ଉପମନ୍ୟୁଙ୍କର ଏଭଳି ଅବିଚଳ ଭକ୍ତି ଓ ଦୃଢ଼ତା ଦେଖି ଭଗବାନ ଶିବ ଅତ୍ୟନ୍ତ ପ୍ରସନ୍ନ ହେଲେ ଏବଂ ନିଜର ପ୍ରକୃତ ସ୍ୱରୂପ ଧାରଣ କଲେ । ଶେଷରେ ମହାଦେବ ନିଜ ପ୍ରିୟ ଭକ୍ତଙ୍କୁ ଆଲିଙ୍ଗନ କଲେ ଏବଂ ଭକ୍ତ ଓ ଭଗବାନ ଏକ ହୋଇଗଲେ ।

# ଭାରତରେ ହେବ ୨୦୨୮ ବିଶ୍ୱ ଇଣ୍ଡୋର୍ ଆଥ୍ଲେଟିକ୍ସ ଚାମ୍ପିଅନ୍ସିପ୍

## ଭୁବନେଶ୍ୱର ଆୟୋଜକ ସହର ଘୋଷିତ



ନୂଆଦିଲ୍ଲୀ: ଭାରତକୁ ୨୦୨୮ ବିଶ୍ୱ ଇଣ୍ଡୋର୍ ଆଥ୍ଲେଟିକ୍ସ ଚାମ୍ପିଅନ୍ସିପ୍ର ଆୟୋଜନ ଅଧିକାର ମିଳିଛି। ଭୁବନେଶ୍ୱର ଏହି ଟୁର୍ଣ୍ଣାମେଣ୍ଟରେ ଆୟୋଜକ ସହର ହେବ। ଏହି ଚାମ୍ପିଅନ୍ସିପ୍ ପ୍ରଥମ ଥର ପାଇଁ ଭାରତରେ ହେବାକୁ ଯାଉଛି। ପୋଲାଣ୍ଡର ଟୋରୁନ୍ରେ ଅନୁଷ୍ଠିତ ବିଶ୍ୱ ଆଥ୍ଲେଟିକ୍ସ କାଉନ୍ସିଲ୍ ବୈଠକରେ ଭାରତର ଏହି ଦାବିକୁ ମଞ୍ଜୁରୀ ମିଳିଛି। ଏହା ପୂର୍ବରୁ ବିଶ୍ୱ ଆଥ୍ଲେଟିକ୍ସର ଦୁଇଜଣିଆ ଟିମ୍ ଜାନୁଆରୀରେ କଳିଙ୍ଗ ଷ୍ଟାଡିୟମ୍ କମ୍ପ୍ଲେକ୍ସରେ ନିର୍ମିତ ଅତ୍ୟାଧୁନିକ ଇଣ୍ଡୋର୍ ଷ୍ଟାଡିୟମ୍ର ନିରୀକ୍ଷଣ କରିଥିଲା।

ଏହି ଚାମ୍ପିଅନ୍ସିପ୍ ଆୟୋଜନ କରିବାରେ ଭାରତ ଏସିଆର ଚତୁର୍ଥ ଦେଶ ହେବ। ଏହା ପୂର୍ବରୁ ଜାପାନ, କତର୍ ଏବଂ ଚୀନ୍ ଏହି ଚାମ୍ପିଅନ୍ସିପ୍ ଆୟୋଜନ କରିସାରିଛନ୍ତି। ଏହା ପ୍ରତି ଦୁଇବର୍ଷରେ ଆୟୋଜିତ ହୋଇଥାଏ ଏବଂ ଏହାର ଆରମ୍ଭ ୧୯୮୫ରେ ପ୍ୟାରିସ୍ରୁ ହୋଇଥିଲା। ୨୦୨୮ରେ ହେବାକୁ ଥିବା ଚାମ୍ପିଅନ୍ସିପ୍ ଏହାର ୨୨ତମ ସଂସ୍କରଣ ହେବ। ୨୦୨୬ ସଂସ୍କରଣ ଟୋରୁନ୍ (ପୋଲାଣ୍ଡ)ରେ ହେବ। କିନ୍ତୁ ଏଥିରେ କୌଣସି ଭାରତୀୟ ଆଥ୍ଲେଟ୍ ଭାଗନେବେ ନାହିଁ। ଭାରତ ଏବେ ସୁଦ୍ଧା ଏହି ଚାମ୍ପିଅନ୍ସିପ୍ରେ ଗୋଟିଏ ବି ପଦକ ଜିତିନଥିବା ବେଳେ ଆମେରିକା ୨୭୦ ପଦକ ସହିତ ସବୁଠୁ ସଫଳ ଦେଶ।

ଭାରତ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଆୟୋଜନ ମଧ୍ୟ କରିବ। ୨୦୨୫ ନଭେମ୍ବର ୨୬ରେ ସ୍କଟ୍ଲାଣ୍ଡର ଗ୍ଲାସ୍ଗୋରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା କାର୍ଯ୍ୟକାରୀ ବୋର୍ଡ ବୈଠକ ପରେ ଅହମଦାବାଦ୍କୁ ଆୟୋଜକ ସହର ଭାବେ ଘୋଷିତ କରାଯାଇଛି। ଭାରତ ୧୫ ବର୍ଷ ପରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବ। ଏହା ପୂର୍ବରୁ ୨୦୧୦ରେ ନୂଆଦିଲ୍ଲୀରେ ଏହି କ୍ରୀଡ଼ା ଆୟୋଜିତ ହୋଇଥିଲା। ସେତେବେଳେ ଭାରତୀୟ ଖେଳାଳିମାନେ ୩୮ ସ୍ୱର୍ଣ୍ଣ ସମେତ ୧୦୧ ପଦକ ଜିତିଥିଲେ।

# ମେସିଙ୍କ ୯୦୦ ଗୋଲ୍ ପୂରଣ, ରୋନାଲ୍ଡୋଙ୍କ କ୍ଲବ୍ରେ ସାମିଲ୍

ମିଆମୀ: ଆର୍ଜେଣ୍ଟିନାର ମହାନ୍ ଫୁଟ୍ବଲର୍ ଏବଂ ଇଣ୍ଟର ମିଆମୀର କ୍ୟାପ୍ଟେନ୍ ଲିଓନେଲ୍ ମେସି ଆଧିକାରିକ ମ୍ୟାଚ୍ରେ ୯୦୦ ଗୋଲ୍ କରିବାରେ ବିଶ୍ୱର ଦ୍ୱିତୀୟ ପୁରୁଷ ଖେଳାଳି ହୋଇଛନ୍ତି। ନାଶ୍ଭିଲେ ଏସ୍ସି ବିପକ୍ଷ କନ୍କାକେଫ୍ ଚାମ୍ପିଅନ୍ସ କପ୍ର ଦ୍ୱିତୀୟ ଚରଣରେ ସେ କ୍ୟାରିୟର୍ର ୧୧୪୨ତମ ମ୍ୟାଚ୍ରେ ଏହି ଉପଲବ୍ଧି ହାସଲ କରିଛନ୍ତି। ତେବେ ମେସିଙ୍କ ଏହି ଗୋଲ୍ ସତ୍ତ୍ୱେ ଇଣ୍ଟର ମିଆମୀ ଟୁର୍ଣ୍ଣାମେଣ୍ଟରେ ଆଗକୁ ବଢ଼ିପାରି ନାହିଁ। ମ୍ୟାଚ୍ ୧-୧ରେ ଡ୍ର' ରହିଥିଲା। ନାଶ୍ଭିଲେ ପକ୍ଷରୁ କ୍ରିଷ୍ଟିଆନ୍ ଏସ୍ପିନୋଜା ଗୋଟିଏ ଗୋଲ୍ କରିଥିଲେ। ଦୁଇ ଚରଣ ପରେ ମ୍ୟାଚ୍ ୧-୧ ଗୋଲ୍ରେ ସମାପ୍ତ ହୋଇଥିବାରୁ 'ଆୱେ ଗୋଲ୍' ନିୟମରେ ନାଶ୍ଭିଲେ ପରବର୍ତ୍ତୀ ରାଉଣ୍ଡରେ ପହଞ୍ଚିଛି ଏବଂ ଇଣ୍ଟର ମିଆମୀ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛି।



ମେସି ଏବେ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସହ ୯୦୦ ଗୋଲ୍ କରିଥିବା ଖେଳାଳି ସୂଚୀନରେ ସାମିଲ ହୋଇଛନ୍ତି। ରୋନାଲ୍ଡୋ ସେପ୍ଟେମ୍ବର ୨୦୨୪ରେ ଏହି ଉପଲବ୍ଧି ହାସଲ କରିଥିଲେ ଏବଂ ତାଙ୍କ ନାମରେ ୯୬୫ ଗୋଲ୍ ରହିଛି। ବ୍ରାଜିଲ୍ର ମହାନ ଖେଳାଳି ପେଲେ ୭୬୫ ଗୋଲ୍ ସହିତ ତୃତୀୟ ସ୍ଥାନରେ ରହିଥିବା ବେଳେ ସକ୍ରିୟ ଖେଳାଳିଙ୍କ ମଧ୍ୟରେ ରବର୍ଟ ଲେୱାଣ୍ଡୋଭ୍ସ୍କି ୬୯୦ ଗୋଲ୍ ସହ ପଛରେ ରହିଛନ୍ତି। ଅକ୍ଟୋବର ୨୦୦୪ରେ ବାର୍ସିଲୋନା ପାଇଁ ପେସାଦାର ଡେବ୍ୟୁ କରିଥିବା ମେସି କ୍ଲବ୍ ପାଇଁ ୬୭୨ ଗୋଲ୍ କରିଛନ୍ତି। ଏହାପରେ ସେ ପ୍ୟାରିସ୍ ସେଣ୍ଟ-ଜର୍ମେନ୍ ପାଇଁ ୩୨ ଏବଂ ଇଣ୍ଟର ମିଆମୀ ପାଇଁ ୮୧ ଗୋଲ୍ କରିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ସେ ଆର୍ଜେଣ୍ଟିନା ପକ୍ଷରୁ ୧୧୫ ଗୋଲ୍ କରିଛନ୍ତି।

# ଏଆଇର ଅପବ୍ୟବହାର ବିରୋଧରେ ହାଇକୋର୍ଟ ଗଲେ ଗମ୍ଭୀର

ନୂଆଦିଲ୍ଲୀ: ଭାରତୀୟ ଟିମ୍ର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ପିଟିସନ୍ ଦାଏର କରିଛନ୍ତି। ଗମ୍ଭୀର ଏଆଇ ଦ୍ୱାରା ନିର୍ମିତ ଡିପ୍ଫେକ୍, ଜାଲ୍ ଭିଡିଓ ଏବଂ ବିନା ଅନୁମତିରେ ତାଙ୍କ ନାମ ଓ ମୁହଁର ବ୍ୟବହାର ଉପରେ ରୋକ୍ ଲଗାଇବାକୁ ଦାବି କରିଛନ୍ତି। ଏ ନେଇ ୧୬ ପକ୍ଷଙ୍କ ବିରୋଧରେ ପିଟିସନ୍ ଦାଏର କରି ୨.୫ କୋଟି ଟଙ୍କାର କ୍ଷତିପୂରଣ ଦାବି ମଧ୍ୟ କରିଛନ୍ତି। ଗମ୍ଭୀର କହିଛନ୍ତି, ଅପପ୍ରଚାର ଏବଂ ଅର୍ଥ ଉପାର୍ଜନ ପାଇଁ ମୋ ପରିଚୟ, ନାମ, ମୁହଁ ଏବଂ ସ୍ୱରକୁ ଅସ୍ତ୍ର ରୂପେ ଅପବ୍ୟବହାର କରାଯାଇଛି। ଅଭିଯୋଗରେ କୁହାଯାଇଛି ୨୦୨୫ ଶେଷ ଆଡ଼କୁ ଇନ୍ଷ୍ଟାଗ୍ରାମ୍, ଏକ୍ସ, ୟୁଟ୍ୟୁବ୍ ଏବଂ ଫେସ୍ବୁକ୍ ପରି ପ୍ଲାଟ୍ଫର୍ମରେ ନକଲି ସାମଗ୍ରୀରେ ବହୁ ବୃଦ୍ଧି ଘଟିଛି। ଏଥିରେ ଅଧିକ ଭାଇରାଲ୍ ହୋଇଥିବା ଗୋଟିଏ ମନଗଢ଼ା ଇସ୍ତଫା ଭିଡିଓ ପ୍ରସାର କରାଯାଇଛି, ଯାହାକୁ ୨୯ ଲକ୍ଷରୁ ଅଧିକ ଥର ଦେଖାଯାଇଛି। ବିଶ୍ୱକପ୍ରେ ସିନିୟର୍ କ୍ରିକେଟର୍ଙ୍କ ଅଂଶଗ୍ରହଣକୁ ନେଇ ଟିପ୍ପଣୀକୁ ଅନ୍ୟ ଏକ ଭିଡିଓରେ ଭୁଲ ଢ଼ଙ୍ଗରେ ପ୍ରଦର୍ଶିତ କରାଯାଇଛି। ଏହାକୁ ୧୭ ଲକ୍ଷରୁ ଅଧିକ ଥର ଦେଖାଯାଇଛି। ଏହି ମାମଲାରେ ଆମାଜନ୍ ଏବଂ ଫ୍ଲିପ୍କାର୍ଟ ପରି ଇ-କମର୍ସ ପ୍ଲାଟ୍ଫର୍ମରେ ତାଙ୍କ ନାମ ବ୍ୟବହାର କରି ବିନାନୁମତିରେ ସାମଗ୍ରୀ ବିକିବା ପ୍ରସଙ୍ଗ ମଧ୍ୟ ଉଠାଯାଇଛି। ମୋଟ ୧୬ ବ୍ୟକ୍ତି/ସଂସ୍ଥାଙ୍କୁ ଅଭିଯୁକ୍ତ କରାଯାଇଛି। ଏଥିରେ ସୋସିଆଲ୍ ମିଡିଆ ଆକାଉଣ୍ଟରୁ ନେଇ ମେଟା ପ୍ଲାଟ୍ଫର୍ମ, ଏକ୍ସ, ୟୁଟ୍ୟୁବ୍ ଏବଂ ଗୁଗଲ୍ ପରି ପ୍ଲାଟ୍ଫର୍ମ ସାମିଲ ଅଛନ୍ତି। ଏହା ସହିତ ଆଇଟି ମନ୍ତ୍ରଣାଳୟ ଏବଂ ଦୂରସଞ୍ଚାର ବିଭାଗକୁ ମଧ୍ୟ ସାମିଲ କରାଯାଇଛି।

# ଆସନ୍ତା ବର୍ଷ ଅକ୍ଟୋବର ୨୯ରୁ ରାଜ୍ୟଗୋଷ୍ଠୀ ଯୁବ କ୍ରୀଡ଼ା

ନୂଆଦିଲ୍ଲୀ: ରାଜ୍ୟଗୋଷ୍ଠୀ ଯୁବ କ୍ରୀଡ଼ାର ଅଷ୍ଟମ ଚରଣ ଆସନ୍ତା ବର୍ଷ ଅକ୍ଟୋବର ୨୯ରୁ ନଭେମ୍ବର ୪ ତାରିଖ ପର୍ଯ୍ୟନ୍ତ ମାଲ୍ଟା ଏବଂ ଗୋଜୋରେ ଆୟୋଜିତ ହେବ। ଉଦ୍ଘାଟନୀ ସମାରୋହ ଅକ୍ଟୋବର ୨୯ରେ ହେବ ଏବଂ ଏହାପରେ ଅକ୍ଟୋବର ୩୦ରୁ ନଭେମ୍ବର ୪ ପର୍ଯ୍ୟନ୍ତ ଇଭେଣ୍ଟ ଆୟୋଜିତ ହେବ। ଏହି କ୍ରୀଡ଼ାରେ ୮ ଇଭେଣ୍ଟ ସନ୍ତରଣ ଓ ପାରା-ସନ୍ତରଣ, ଆଥ୍ଲେଟିକ୍ସ ଓ ପାରା-ଆଥ୍ଲେଟିକ୍ସ, ନେଟ୍ବଲ୍, ସେଲିଙ୍ଗ୍, ସ୍କ୍ୱାଶ୍, ଟ୍ରାଏଥଲନ୍, ୱାଟର୍ ପୋଲୋ ଏବଂ ଭାରୋତ୍ତୋଳନ ସାମିଲ। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ମୁଖ୍ୟ କାର୍ଯ୍ୟକାରୀ କେଟି ସାଡ୍ଲିୟର୍ ଗୁରୁବାର ଏକ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।
ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email:
mediatejaswini@gmail.com

TARIFF
Full Page B/W-10000
Half Page B/W-5000
Quarter Page B/W- 2500

# ଜନ୍ ମୁନି ଡିସିର ଫିଲ୍ଡିଂ କୋଚ୍ ନିଯୁକ୍ତ

ନୂଆଦିଲ୍ଲୀ: ଆଇପିଏଲ୍ ଟିମ୍ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ଆୟର୍ଲାଣ୍ଡର ପୂର୍ବତନ ଅଲ୍ରାଉଣ୍ଡର୍ ଜନ୍ ମୁନିଙ୍କୁ ଟିମ୍ର ଫିଲ୍ଡିଂ କୋଚ୍ ନିଯୁକ୍ତ କରିଛି। ରିପୋର୍ଟ ଅନୁସାରେ ମୁନି ଖୁବ୍ଶୀଘ୍ର ଦିଲ୍ଲୀର ଆସି ଟିମ୍ରେ ଯୋଗଦେବେ ଏବଂ ଆଗାମୀ ସିଜନ୍ର ପ୍ରସ୍ତୁତିରେ ଭାଗନେବେ। ସେ ଏଷ୍ଟୋନ୍ ରୁକ୍ସ ଏବଂ ଜ୍ଞାନେଶ୍ୱର ରାଓଙ୍କ ସ୍ଥାନ ନେବେ। ୪୪ ବର୍ଷୀୟ ମୁନି ଦିନିକିଆ ଏବଂ ଟି-୨୦ ଫର୍ମାଟ୍ରେ ଆୟର୍ଲାଣ୍ଡ ପାଇଁ ୯୦ରୁ ଉର୍ଦ୍ଧ୍ୱ ମ୍ୟାଚ୍ ଖେଳିଛନ୍ତି। ସେ ୨୦୧୫ରେ ଶେଷଥର ପାଇଁ ଖେଳିଥିଲେ। ଏହାପରେ ୨୦୧୮ରୁ ୨୦୧୯ ପର୍ଯ୍ୟନ୍ତ ସେ ଆଫଗାନିସ୍ତାନ ଟିମ୍ର ଫିଲ୍ଡିଂ କୋଚ୍ ଦାୟିତ୍ୱ ତୁଲାଇଥିଲେ। ଏହାପରେ ୨୦୧୯ରେ ମୁନି କିଛି ସମୟ ପାଇଁ ୱେଷ୍ଟଇଣ୍ଡିଜ୍ ଟିମ୍ରେ ମଧ୍ୟ କାମ କରିଥିଲେ। ଆଇପିଏଲ୍ରେ ମୁନି ପ୍ରଥମ ଥର ପାଇଁ କୌଣସି ଟିମ୍ ସହିତ କାମ କରିବାର ସୁଯୋଗ ପାଇଛନ୍ତି।

# ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ମୁଖ୍ୟ ଚୟନକର୍ତ୍ତା ରହିବାକୁ ଅଗରକରଙ୍କ ଇଚ୍ଛା

ମୁମ୍ବାଇ,୧୯।୩/ଏଜେନ୍ସି: ଭାରତୀୟ କ୍ରିକେଟ୍ ଟିମ୍ର ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକର ନିଜ ଚୁକ୍ତି ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ପଦରେ ରହିବାକୁ ପାଇଁ ଇଚ୍ଛାପ୍ରକାଶ କରିଛନ୍ତି। ଏ ନେଇ ସେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)କୁ ନିବେଦନ କରିଛନ୍ତି। ଅଗରକରଙ୍କ ବର୍ତ୍ତମାନର କାର୍ଯ୍ୟକାଳ ପ୍ରଥମରୁ ହିଁ ବୃଦ୍ଧି କରାଯାଇଛି। ୨୦୨୫ ଆଇପିଏଲ୍ ପୂର୍ବରୁ ବିସିସିଆଇ ତାଙ୍କ ଚୁକ୍ତି ୨୦୨୬ ଜୁନ୍ ପର୍ଯ୍ୟନ୍ତ ଏକବର୍ଷ ପାଇଁ ବୃଦ୍ଧି କରିଥିଲା। ପୂର୍ବତନ ଫାଷ୍ଟ ବୋଲର୍ଙ୍କୁ ୨୦୨୩ ଜୁଲାଇରେ ଟିମ୍ ଇଣ୍ଡିଆର ଚୟନ କମିଟି ମୁଖ୍ୟ ନିଯୁକ୍ତ କରାଯାଇଥିଲା।

ଅଗରକରଙ୍କ କାର୍ଯ୍ୟକାଳରେ ଟିମ୍ ଇଣ୍ଡିଆ ୨୦୨୪ରେ ଟି-୨୦ ବିଶ୍ୱକପ୍ ଏବଂ ଗତବର୍ଷ ପ୍ରାରମ୍ଭରେ ଚାମ୍ପିଅନ୍ସ ଟ୍ରଫି ଜିତିଥିଲା। ଏହା ବ୍ୟତୀତ ଭାରତ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲ୍ରେ ମଧ୍ୟ ପହଞ୍ଚିଥିଲା, ଅବଶ୍ୟ ଟିମ୍କୁ ଅଷ୍ଟ୍ରେଲିଆଠାରୁ ପରାଜିତ ହେବାକୁ ପଡ଼ିଥିଲା। ଏହା ବ୍ୟତୀତ ଟିମ୍ ନିକଟରେ ଟି-୨୦ ବିଶ୍ୱକପ୍ ଟାଇଟଲ୍ ମଧ୍ୟ ଡିଫେଣ୍ଡ କରିଥିଲା।

ରିପୋର୍ଟ ଅନୁସାରେ ଏହି ପ୍ରସଙ୍ଗରେ ପୂର୍ବରୁ ହିଁ ଆଲୋଚନା ହୋଇସାରିଛି। ବିସିସିଆଇ ଅଗରକରଙ୍କ ଅନୁରୋଧକୁ ମଞ୍ଜୁରୀ ଦେଉଛି କି ନାହିଁ, ତାହା ଏବେ ଦେଖିବାକୁ ବାକି ରହିଛି। ଅବଶ୍ୟ ବୋର୍ଡ ନିକଟରେ ଏହି ପଦ ପାଇଁ କୌଣସି ମଜଭୁତ ବିକଳ୍ପ ନାହିଁ। ଭାରତୀୟ ଟିମ୍ର ପରବର୍ତ୍ତୀ ଚ୍ୟାଲେଞ୍ଜ୍ ବିଶ୍ୱ ଟେଷ୍ଟ ଚାମ୍ପିଅନ୍ସିପ୍ ଏବଂ ଦିନିକିଆ ବିଶ୍ୱକପ୍ ହେବ।

RP CONSULTANCY
Since 2011
Media Services :
•Print Media •Epaper •News Portal
•Media Coverage •You Tube Channel
•Classified & Advertisements
BHUBANESWAR,ODISHA
+91-9439505215
rpconsultancybbsr@gmail.com

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**